# ଦେଶୀମଦ ଜବତ

ଗୁଣପୁର/ଗଡ଼ାରି, ୧୫।୩ (ସଂକେତ ପାତ୍ର/ପ୍ରମୋଦ ପତି)

ରାୟଗଡ଼ା ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷ କୁମାର ଧଳାସାମନ୍ତଙ୍କ ନେତୃତ୍ୱରେ ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଶନିବାର ରାତିରେ ଗୁଡ଼ାରି ଥାନା ଅନ୍ତର୍ଗତ ସୁନାରିପାଲି ଗ୍ରାମରେ ବେଆଇନ ଭାବେ ମଦ ରନ୍ଧା ହେଉଥିବା ସ୍ଥାନରେ ଅଚାନକ ଚଢ଼ାଉ କରିଥିଲେ। ଅବକାରୀ ଟିମ୍ ଆସୁଥିବା ଖବର ପାଇ ମଦ ବ୍ୟବସାୟୀମାନେ ଫେରାର ମାରିଥିଲେ। ଚଢ଼ାଉ ସମୟରେ ଘଟଣାସ୍ଥଳରୁ ୨୪ଟି ପ୍ଲାଷ୍ଟିକ୍ ଡ୍ରମ୍, ମଦ ରନ୍ଧା ପାଇଁ ବ୍ୟବହୃତ ଆସବାପତ୍ର, ପ୍ରାୟ ୩୨୦୦ କିଲୋଗ୍ରାମ ମହୁଲ ଗୁଡ଼ ପୋଚ ସାମଗ୍ରୀ ଓ ୪୮୦ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ନଷ୍ଟ କରାଯାଇଥିଲା। ମଦ ବ୍ୟବସାୟୀମାନଙ୍କୁ ଧରିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଦୁଇଟି ଟିମ୍ ଗଠନ କରାଯାଇଛି ଏବଂ ଆଗାମୀ ଦିନରେ ଏହି ଅଞ୍ଚଳରେ ଚଢ଼ାଉ ଜାରି ରହିବ



ବୋଲି ସୁପରିଣ୍ଟେଣ୍ଡେଣ୍ଟ ଜଣାଇଛନ୍ତି। ଏହି ଚଢ଼ାଉରେ ଗୁଣପୁର ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସୁଜିତ କୁମାର ବାର୍ଲା, ଅବକାରୀ ନିରୀକ୍ଷକ ବେଣୁଧର ସାମଲ ଓ ଗୁଣପୁର ଅବକାରୀ ଥାନାର ଅନ୍ୟ କର୍ମଚାରୀମାନେ ସାମିଲଥିଲେ।

# ମୁନିଗୁଡ଼ା ରେଳ ଷ୍ଟେସନ କାର୍ଯ୍ୟ ଶୀଘ୍ର ସାରିବାକୁ ଦାବି

- ଅମୃତ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ
- ମନ୍ଥର ଗତିରେ କାର୍ଯ୍ୟ ଚାଲୁଥିବାରୁ ଯାତ୍ରୀ ହନ୍ତସନ୍ତ

ମୁନିଗୁଡ଼ା, ୧୫।୩ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ରେଲୱେ ଷ୍ଟେଶନକୁ ସରକାର ଅମୃତ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ କରିଥିବାବେଳେ ଷ୍ଟେଶନରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଚାଲୁ ରହିଛି। କିନ୍ତୁ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ କାର୍ଯ୍ୟଗୁଡ଼ିକ ମନ୍ଥର ଗତିରେ ଚାଲୁଥିବାରୁ ନିର୍ମାଣ କାର୍ଯ୍ୟ ସରିବାର ନାଁ ନେଉନାହିଁ; ଯାହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି। ରେଳ ବିଭାଗ ଯାତ୍ରୀ ସେବାକୁ ସୁରକ୍ଷିତ କରିବା ଓ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ରେଳ ଡିଭିଜନ ବିଭାଗୀୟ ଅଧିକାରୀ ଯଥାଶୀଘ୍ର ପଦକ୍ଷେପ ନେବା ନିମନ୍ତେ ମୁନିଗୁଡ଼ା ପ୍ରଗତି ମଞ୍ଚ, ପ୍ରେସ୍ କ୍ଲବ, ବଣିକ ସଂଘ ସହ ବିଭିନ୍ନ ଅନୁଷ୍ଠାନ ଓ ଗ୍ରାମବାସୀ ଦାବି କରିଛନ୍ତି।

ଗତ ଦିନରେ ରେଳ ଅଧିକାରୀଙ୍କଠାରୁ ଶୁଣିବାକୁ ମିଳୁଥିଲା, ଏବେ ବର୍ଷା ଋତୁ ଚାଲିଛି, କାର୍ଯ୍ୟରେ ମନ୍ଥରତା ଆସିଛି। ବର୍ଷା ମାସ ପରେ ଦ୍ରୁତଗତିରେ କାର୍ଯ୍ୟ ଆରମ୍ଭ ହୋଇ ଯଥାସମ୍ଭବ ସମୟରେ ସରିଯିବ। କିନ୍ତୁ ବର୍ଷା ଯାଇ ଶୀତ ଆଉ ଏବେ ଗ୍ରୀଷ୍ମ ଆସିଲାଣି,



ମୁନିଗୁଡ଼ା ଷ୍ଟେଶନରେ ଅଧାପନ୍ତରିଆ ଅବସ୍ଥାରେ ଉନ୍ନତିମୂଳକ କାର୍ଯ୍ୟ।

ହେଲେ ନିର୍ମାଣ କାର୍ଯ୍ୟ ଏବେ ପ୍ରାୟତଃ ବନ୍ଦ ଅବସ୍ଥାରେ ପଡ଼ି ରହିଥିବା ଦେଖାଯାଉଛି। ଷ୍ଟେଶନ ପରିସର ଚାରିଆଡ଼େ ଉନ୍ନୟନ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଥିବା ଦେଖାଯାଇଛି। ରେଳ ବିଭାଗ ନିର୍ମାଣ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦ୍ୱାରା ଠିକ୍ ଭାବେ ତଦାରଖ ନ ହେବା କାରଣରୁ ଠିକାଦାର ମନମୁଖି କାର୍ଯ୍ୟ କରୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଯେଉଁଦିନ ମୁନିଗୁଡ଼ାକୁ ରେଳ ଡିଭିଜନର ଉଚ୍ଚ ଅଧିକାରୀ ପରିଦର୍ଶନରେ ଆସିବାର ଥିବ, ତା'ର ୨ ଦିନ ପୂର୍ବରୁ ଛୋଟ ମୋଟ କାର୍ଯ୍ୟ ଆରମ୍ଭ ହୋଇଯାଏ, ପରେ ପୁଣି ବନ୍ଦ ହୋଇଯାଏ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଗତ ବର୍ଷାଋତୁରେ ଟ୍ରେନ୍‌ରେ ଚଢ଼ିବା ପାଇଁ ଗଲାବେଳେ ଅନେକ ଯାତ୍ରୀଙ୍କ ଗୋଡ଼ ଖସି ଯାଉଥିବା ଦେଖିବାକୁ ମିଳିଥିଲା। ଏବେ ବି ଜଣେ ଦିବ୍ୟାଙ୍ଗ ଯାତ୍ରୀ ଷ୍ଟେଶନ ପ୍ରବେଶ ପଥରେ ଆସିବା ଆଉ ଗଲାବେଳେ ସମ୍ପର୍କୀୟଙ୍କ ଦ୍ୱାରା ଟେକି ଟେକି ନେବାଆଣିବା କରିବାକୁ ପଡୁଛି। ଭଲ ଶୌଚାଳୟ ବ୍ୟବସ୍ଥା ସହ ପାନୀୟ ଜଳର ପର୍ଯ୍ୟାପ୍ତ ବ୍ୟବସ୍ଥା ନ ଥିବାରୁ ଯାତ୍ରୀ ହଇରାଣ ହେଉଥିବା ଅଭିଯୋଗ ହେଉଛି। ଅନେକ ସ୍ଥାନରେ ବିଜୁଳି ବ୍ୟବସ୍ଥା ଅତି ନିମ୍ନମାନର ଥିବାରୁ କେତେକ ସ୍ଥାନ ଅନ୍ଧାର ମଧ୍ୟରେ ରହୁଛି। ଅନେକ ଜାଗା ଖୋଲାଖୋଲି ହୋଇ ପଡ଼ି ରହିଛି। କିଛି ସ୍ଥାନରେ ଟିଣ ବ୍ୟାରିକେଡ୍ ଥିବାରୁ ଯାତ୍ରୀମାନେ ଅନ୍ଧାରରେ ବିପଦସଙ୍କୁଳ ସ୍ଥାନ ଜାଣିପାରୁ ନ ଥିବା କହିଛନ୍ତି। ସେହିପରି ଷ୍ଟେଶନରେ ଟ୍ରେନ୍ ଯାତ୍ରୀଙ୍କ ପାଇଁ କୋଚ୍ ପୋଜିସନ ବୋର୍ଡ ନ ଥିବାରୁ ଯାତ୍ରୀ ତଥା ବିଶେଷକରି ବୟସ୍କମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏହି ବିଷୟକୁ ନେଇ ମୁନିଗୁଡ଼ା ରେଳ ବିଭାଗ ଏଇଏନ୍ ରବି କୀର୍ତ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ନିର୍ମାଣ କାର୍ଯ୍ୟ ଯୋଗୁ ଯାତ୍ରୀମାନେ ନିଶ୍ଚିତ ଭାବେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେଥିପାଇଁ ଆମେ ଦୁଃଖିତ। ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଚେଷ୍ଟା ଜାରି ରହିଛି ବୋଲି ସେ କହିଥିଲେ।

# ଚାଉଳ ବୋଝେଇ ଭ୍ୟାନ୍ ଦୁର୍ଘଟଣା, ୩ ମୃତ

ବିଷମକଟକ, ୧୫।୩ (ପ୍ରସନ୍ନ କୁମାର ପଣ୍ଡା)



ଦୁର୍ଘଟଣାସ୍ଥଳରେ ଲୋକଙ୍କ ଭିଡ ।

ରାୟଗଡ଼ା ଜିଲା ବିଷମକଟକ ଥାନା ଅନ୍ତର୍ଗତ ଢୁକୁମ ଗ୍ରାମପଞ୍ଚାୟତର କାଚାପାଜୁ ଗ୍ରାମ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ଚାଉଳ ବୋଝେଇ ୪୦୭ ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ୬ ଜଣ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମୃତକମାନେ ହେଲେ ମଣ୍ଡେଙ୍ଗା ସାରକା (୬୫), ଡ୍ରିଞ୍ଜି ସାରକା (୫୫) ଏବଂ ଧବେଳେଶ୍ୱର ସାରକା (୨୫)।

ଘଟଣାରୁ ପ୍ରକାଶ, ଶନିବାର ଅପରାହ୍ନରେ କାଚାପାଜୁ ଗ୍ରାମର ୭ଜଣ ନିଜର ଧାନ ମିଲିଂ କରିବା ପାଇଁ ମୁନିଗୁଡ଼ା ନେଇଥିଲେ । ସେଠାରେ ଧାନ ମିଲିଂ କରି ସାରିବା ପରେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଚାଉଳ ନେଇ ଘରକୁ ଫେରୁଥିବାବେଳେ କାଚାପାଜୁ ଗାଁ ନିକଟ ଗଡ଼ାଣିଆ ରାସ୍ତାରେ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଗାଡ଼ି ଭିତରେ ଚାପିହୋଇଯିବାରୁ ଘଟଣାସ୍ଥଳରେ ମଣ୍ଡେଙ୍ଗାଙ୍କ ମୃତ୍ୟୁ ହୋଇଥିଲା । ଖବରପାଇ ବିଷମକଟକ ପୋଲିସ ଏବଂ ଅଗ୍ନିଶମ ବାହିନୀ ସହାୟତାରେ ସମସ୍ତ ଆହତଙ୍କୁ ଉଦ୍ଧାର କରି ବିଷମକଟକସ୍ଥିତ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ରବିବାର ଡ୍ରିଞ୍ଜି ଓ ଧବଳେଶ୍ୱରଙ୍କର ମୃତ୍ୟୁ ହୋଇଛି । ଆହତ ହିମାଂଶୁ ସାରକାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉନ୍ନତ ଚିକିତ୍ସା ନିମନ୍ତେ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆହତ ଅଜିତ ସାରକା ଏବଂ ନବୀନ ସାରକା ଚିକିତ୍ସାଧୀନ ରହିଥିବା ବେଳେ ଡମ୍ବରୁ ସାରକା, ଜଳନ୍ଧର ବାଘ ଏବଂ ଟାହିଲା ମାମ୍ବାଲକାଙ୍କ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିବା ସୂଚନା ମିଳିଛି। ଏ ନେଇ ବିଷମକଟକ ଥାନାରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ମେଡିକାଲରେ ପହଞ୍ଚି ୩ ମୃତଦେହ ଜବତକରିବା ସହ କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା ତା'ର ତଦନ୍ତ ଚଳାଇଛି। ଦୁର୍ଘଟଣାରେ ଗୋଟିଏ ଗାଁର ୩ ଜଣଙ୍କ ଜୀବନ ଚାଲିଯାଇଥିବାରୁ କାଚାପାଜୁରେ ଶୋକର ଛାୟା ଖେଳିଯାଇଛି।

# ସ୍ମାର୍ଟ ୧୧କୁ ହରାଇ ଖାଣ୍ଟି କାଶୀପୁରିଆ ଦଳ ବିଜୟୀ



ଅତିଥିମାନେ ମ୍ୟାଚ୍ ଉଦ୍‌ଘାଟନ କରୁଛନ୍ତି।

## କାଶୀପୁର ପ୍ରିମିୟର ଲିଗ୍ ୫.୦ ଉଦ୍‌ଘାଟିତ

ଟିକିରି, ୧୫।୩ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ୍ କଲେଜ ପଡିଆରେ କାଶୀପୁର ପ୍ରିମିୟର୍ ଲିଗ୍ ୫.୦ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। କାଶୀପୁର ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ, କାଶୀପୁର ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ପରିଡା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଦାୟିତ୍ୱରେ ଥିବା ମେଡିକାଲ ଅଧିକାରୀ ନେତ୍ରାନନ୍ଦ ନାଏକ, ପବିତ୍ର ନାଏକଙ୍କ ସହ ବହୁମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚରେ ସ୍ମାର୍ଟ ୧୧କୁ ହରାଇ ଖାଣ୍ଟି କାଶୀପୁରିଆ ଦଳ ବିଜୟୀ ହୋଇଛି।

ପ୍ରଥମେ ଖାଣ୍ଟି କାଶୀପୁରିଆ ଦଳ ଟସ୍ ଜିତି ଫିଲଡିଂ କରିଥିଲା। ସ୍ମାର୍ଟ ୧୧ ପ୍ରଥମେ ବ୍ୟାଟିଂ କରି ୧୩.୫ ଓଭରରେ ୧୧୧ ରନ କରି ଅଲଆଉଟ ହୋଇଥିଲେ। ଖାଣ୍ଟି କାଶୀପୁରିଆ ଦଳ ୧୩.୪ ଓଭରରେ ୬ ଉଇକେଟ ହରାଇ ଏହି ଲକ୍ଷ୍ୟର ପିଛା କରି ବିଜୟ ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେପିଏଲ ଅଧ୍ୟକ୍ଷ ସୀତାରାମ ସାହୁ, ଉପାଧ୍ୟକ୍ଷ ଦିଲିପ ନାଏକ,ସମ୍ପାଦକ ସନ୍ତୋଷ କୁମାର ଗୌଡ ପ୍ରମୁଖ ଉପସ୍ଥିତ ଥିଲେ। କିର୍ତ୍ତେଶ୍ୱର ନାଏକ ଏବଂ ଏକେଶ୍ୱେଶ୍ୱର ନାଏକ ମ୍ୟାଚ୍ ପରିଚାଳନା କରିଥିଲେ।ଉଦ୍‌ଘାଟନ ଉତ୍ସବରେ କେପିଏଲରେ ଭାଗ ନେଇଥିବା ୮ଟି ଦଳ ସହ ସମସ୍ତ ମାଲିକ, ଟିମ ଅଧିନାୟକ, ସମସ୍ତ ଖେଳାଳି ପ୍ରଥମେ କାଳି ମନ୍ଦିର ନିକଟରେ ଏକାଠି ହେବା ସହ ପାରମ୍ପରିକ ବାଦ୍ୟର ତାଳେତାଳେ ଢେମସା ନାଚ କରି ମନ୍ଦିରରେ ପୂଜାର୍ଚ୍ଚନା କରାବା ପରେ ମଶାଲ ଶୋଭାଯାତ୍ରାରେ ବାହାରି ପଡିଆରେ ପହଞ୍ଚିଥିଲେ।

# ବିଜୁଳି ଆଲୁଅରୁ ବଞ୍ଚିତ ୫୮ ପରିବାର

କଲ୍ୟାଣସିଂହପୁର, ୧୫।୩ (ଦୀପକ କୁମାର ପରିଡ଼ା )

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ସେରିଗୁମ୍ମା ପଞ୍ଚାୟତର ପୀଡିଷିକା ରାମ୍ଭୁ ଏବଂ ତଳ ଅଞ୍ଚଳବାଡ଼ି ଗ୍ରାମର ଅଧିକାଂଶ ଘରକୁ ବିଦ୍ୟୁତ୍ ସଂଯୋଗ ହୋଇଥିବାବେଳେ ଆଉ କେତେଜଣଙ୍କ ଘରକୁ ହୋଇନାହିଁ। ଫଳରେ ବିଜୁଳି ଆଲୁଅରୁ ବଞ୍ଚିତ ଅଛନ୍ତି ଦୁଇ ଗ୍ରାମର ପ୍ରାୟ ୫୩ ପରିବାର । ପୀଡିଷିକା ରାମ୍ଭୁ ଗାଁରେ ପ୍ରାୟ ୫୮ ପରିବାର ବସବାସ କରୁଥିବାବେଳେ ସେଥିରୁ ୩୩ ପରିବାରକୁ ବିଜୁଳି ସଂଯୋଗ ହୋଇଛି। ବାକି ୨୩ ପରିବାରକୁ ଆଜି ପର୍ଯ୍ୟନ୍ତ ବିଜୁଳି ସଂଯୋଗ ହୋଇପାରିନାହିଁ। ସେହିପରି ତଳଅଞ୍ଚଳବାଡ଼ିରେ ୧୬୦ ପରିବାର ବସବାସ କରୁଥିବାବେଳେ ୧୩୦ ପରିବାରକୁ ବିଜୁଳି ଆଲୁଅ ସଂଯୋଗ ହୋଇଛି, କିନ୍ତୁ ୩୦ ପରିବାର ଏବେ ଅନ୍ଧାରରେ ରହୁଛନ୍ତି। ସେମାନଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ ପରେ ବି କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଖବରପାଇ ଶିକାରପାଇ ମାଝୀଗୁଡ଼ା ମଣ୍ଡଳ ସଭାପତି ଅନୀଲ କୁମାର ଜାଡି ରବିବାର ତଳଅଞ୍ଚଳ ବାଡ଼ି ଏବଂ ପୀଡିଷିକା ରାମ୍ଭୁ ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସହ ବିଜୁଳି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନାକରି ଉଭୟ ଗ୍ରାମରେ ବିଜୁଳି ସମସ୍ୟାର ସମାଧାନ କରାଯିବ ବୋଲି ଭାଜପା ନେତା ଜାଡି ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ କହିଛନ୍ତି।



ମାଝୀଗୁଡ଼ା ମଣ୍ଡଳ ସଭାପତି ଅନୀଲ କୁମାର ଜାଡି ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

# ପ୍ରଥମ ଦିନରେ ଶୋଭାଯାତ୍ରା, ପଞ୍ଜିକା ପଠନ



ବୈଠକରେ କାର୍ଯ୍ୟକ୍ରମ ଆୟୋଜନ ନେଇ ଆଲୋଚନା କରାଯାଉଛି।

## ମହାବିଷୁବ ସଂକ୍ରାନ୍ତି ପାଳନ ନେଇ ପ୍ରସ୍ତୁତି ବୈଠକ

ରାୟଗଡ଼ା, ୧୫।୩ (ଆଶିଷ ରଞ୍ଜନ ପଣ୍ଡା)

ମହାବିଷୁବ ସଂକ୍ରାନ୍ତି କମିଟି ପକ୍ଷରୁ ଏପ୍ରିଲ ମାସରେ ମହାବିଷୁବ ସଂକ୍ରାନ୍ତି (ପଣା ସଂକ୍ରାନ୍ତି) ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ କୋରାପୁଟ ଛକ ସ୍ଥିତ ସେବା ସମାଜ ପରିସରରେ ଥିବା ପଡ଼ିଆଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ଭଳି ୨ଦିନିଆ କାର୍ଯ୍ୟକ୍ରମ ଆୟୋଜନ ନେଇ ବୈଠକରେ ଆଲୋଚନା ହୋଇଥିଲା । ଚଳିତ ବର୍ଷ ସ୍ଥାନୀୟ ଅଶୋକ ମଣ୍ଡପଠାରେ ଏପ୍ରିଲ ୧୪ ଓ ୧୫ ଦୁଇଦିନ ଧରି ମହାବିଷୁବ ସଂକ୍ରାନ୍ତି ପାଳନ କରାଯିବା ନେଇ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଥିଲା । ପ୍ରଥମ ଦିବସରେ ଶୋଭାଯାତ୍ରା, ପଞ୍ଜିକା ପଠନ, ଭଜନ ସନ୍ଧ୍ୟା ସହିତ ପଣା ବଣ୍ଟନ କାର୍ଯ୍ୟକ୍ରମ ଏବଂ ଦ୍ୱିତୀୟ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନେଇ ବୈଠକରେ ନିଷ୍ପତ୍ତି ଚୂଡ଼ାନ୍ତ ହୋଇଥିଲା । ଏହି ବୈଠକରେ ବରିଷ୍ଠ ଆଇନଜୀବୀ ମଦନ ମୋହନ ପାଢ଼ୀ, ସଚ୍ଚିଦାନନ୍ଦ ଖାଡ଼ଙ୍ଗା, ରାଜକିଶୋର ପଣ୍ଡା, ଭବାନୀ ଶଙ୍କର ଜେନା, ଦେବାଶିଷ ପଣ୍ଡା, ଶାନ୍ତନୁ ସୁବୁଦ୍ଧିଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଟିକିରିରେ ହେଟାବାଘ ଆତଙ୍କ

ଟିକିରି, ୧୫।୩ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ରେଞ୍ଜର ଶଙ୍କରଡା ପଞ୍ଚାୟତ ଓ ଡୁଡୁକାବାହାଲ ପଞ୍ଚାୟତ ଅଞ୍ଚଳରେ ହେଟା ବାଘ ଆତଙ୍କ ଦେଖାଦେଇଛି। ପ୍ରାୟ ସପ୍ତାହେ ହେବ ଅଞ୍ଚଳରେ ୩ ଟିକିଆ ହେଟା ବାଘ ବୁଲି ଛେଳି, କୁକୁଡ଼ା ମାରି ଖାଇ ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶଙ୍କରଡା ପଞ୍ଚାୟତ ଅଧୀନ ମହାରାଜଗୁଡା ଗ୍ରାମର ଗୁଣ ଗୌଡଙ୍କ ୨ଟି ଛେଳି ଓ ଡୁଡୁକାବାହାଲ ପଞ୍ଚାୟତ ସର୍ଗୀଗୁଡା ଗ୍ରାମର ଚୋଇତ ମାଝୀଙ୍କର ଗୋଟିଏ ଛେଳିକୁ ହେଟା ବାଘ ଖାଇଦେଇଥିବା ଗ୍ରାମବାସୀ କହିଛନ୍ତି। ଖବରପାଇ ଟିକିରି ରେଞ୍ଜର ଅନୀଲ ପାଣିଗ୍ରାହିଙ୍କ ଅଧ୍ୟକ୍ଷତାରେ ଏକ ଟିମ୍ ରବିବାର ସର୍ଗିଗୁଡା ଗ୍ରାମକୁ ଯାଇ ଚୋଇତ ମାଝୀଙ୍କୁ ଭେଟିବା ସହ ଗାଁ ନିକଟ ଜଙ୍ଗଲ ବୁଲି ଅନୁଧ୍ୟାନ କରିଛନ୍ତି। ବାଘ ଖାଇଥିବା ଛେଳିର ଚାଷୀଙ୍କୁ ସରକାର ତରଫରୁ କ୍ଷତିପୂରଣ ଦେବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



ବନ ଅଧିକାରୀ ବାଘ ପାଦ ଚିହ୍ନ ଅନୁଧ୍ୟାନ କରୁଛନ୍ତି।

# କାଳବୈଶାଖୀରେ କୁଆପଥର ବର୍ଷା

ଜି.ଉଦୟଗିରି, ୧୫।୩ (ଚିନ୍ମୟ କୁମାର ସେଠୀ)

ଜି. ଉଦୟଗିରି ଅଞ୍ଚଳରେ ଚଳିତ ବର୍ଷର ପ୍ରଥମ କାଳବୈଶାଖୀ ବର୍ଷା ହୋଇଛି। କଳିଙ୍ଗା ଜି.ଉଦୟଗିରି ସମେତ ବିଭିନ୍ନ ସ୍ଥାନରେ କିଛି ସମୟ ଧରି ପ୍ରବଳ ଘଡ଼ଘଡ଼ି, ବିଜୁଳି ସହ କୁଆପଥର ବର୍ଷା ହେଇ ବାୟୁମଣ୍ଡଳ ଥଣ୍ଡା ଅନୁଭୂତି ହେଉଛି। ଫଳରେ ଗରମରୁ ଆଶ୍ୱସ୍ତି ମିଳିଛି। କାଳବୈଶାଖୀ ବର୍ଷାରେ ରାସ୍ତାଘାଟ, ଖାଲିଥିବା ସ୍ଥାନ କୁଆପଥରରେ ପରିପୂର୍ଣ୍ଣ ହୋଇଥିଲା। ବଜାରକୁ ଆସିଥିବା ଲୋକେ ବର୍ଷାର ମଜା ନେଉଥିବା ଦେଖିବାକୁ ମିଳିଛି। ଏହିବର୍ଷା ରେକୌଣସି କ୍ଷୟକ୍ଷତି ହୋଇନାହିଁ।

# ଜଙ୍ଗଲରୁ ଦେଶୀମଦ ଜବତ

ଅମ୍ବାଦଳା, ୧୫।୩ (ରବୀନ୍ଦ୍ର କୁମାର ପଣ୍ଡା)

ମୁନିଗୁଡ଼ା ଓ ବିଷମକଟକ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଅମ୍ବାଦଳା ଥାନା ଅନ୍ତର୍ଗତ ସୁକୁଲାଭଟା ଅଞ୍ଚଳର ଜଙ୍ଗଲରେ ଚଢ଼ାଉକରି ବହୁ ପରିମାଣର ଦେଶୀମଦ ଓ ମହୁଲ ପୋଚ ଜବତ କରାଯାଇଛି। ଚଢ଼ାଉ ସମ୍ପର୍କରେ ସୂଚନା ପାଇ ମଦରନ୍ଧା କାରବାରରେ ଲିପ୍ତଥିବା ବ୍ୟବସାୟୀ ଫେରାର ହୋଇଯାଇଥିଲେ। ଚଢ଼ାଉ ସମୟରେ ପ୍ରାୟ ୮୦ ଲିଟର ରନ୍ଧା ଦେଶୀ ମଦ ସହ ୧୧୦୦ ଲିଟର ମହୁଲ ପୋଚ ଜବତ କରାଯାଇ ନଷ୍ଟ କରାଯାଇଥିବା ସୂଚନା ମିଳିଛି। ଏହି ଚଢ଼ାଉ ବେଳେ ବିଷମକଟକ ଅବକାରୀ ଥାନା ଅଧିକାରୀ ଛବିରାଜ ତାଣ୍ଡି ଓ ମୁନିଗୁଡ଼ା ଇନ୍‌ଚାର୍ଜ ଅମଜାଦ ଖାନ୍‌ଙ୍କ ସହ କର୍ମଚାରୀ ସନ୍ତୋଷ ଗୌଡ଼, ରାଜୁ କାଡ୍ରାକା, ଯଶୋବନ୍ତୀ ଶବର, ଜଗନ୍ନାଥ ଜେନା, ସୁରଜ ବିଡ଼େକ ପ୍ରମୁଖ ରହିଥିଲେ।

# ନାଚଗୀତ ମାଧ୍ୟମରେ ବନାଗ୍ନି ସଚେତନତା

ଗୁଣପୁର, ୧୫।୩ (ସଂକେତ ପାତ୍ର/ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବନ ବିଭାଗ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ରବିବାର ବନାଗ୍ନି ସଚେତନତା ନେଇ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ରେଞ୍ଜର ଗଙ୍ଗାଧର ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବନ ବିଭାଗର କର୍ମଚାରୀମାନେ ବାଇକ୍ ଶୋଭାଯାତ୍ରାରେ ବାହାରି ସଚେତନତା ବାର୍ତ୍ତା ଲିଖିତ ପ୍ଲାକାର୍ଡ ଧରି ସହର ପରିକ୍ରମାକରିବା ସହ ଲୋକଙ୍କୁ ସଚେତନତା କରିଥିଲେ। ସେହିପରି ସହରର ମୁଖ୍ୟ ଛକ ନିକଟରେ ଜଙ୍ଗଲକୁ କିପରି ସୁରକ୍ଷା ଯୋଗାଇ ଦିଆଯାଇପାରିବ ଏବଂ ବନାଗ୍ନିରୁ କିପରି ରୋକାଯାଇପାରିବ ସେ ନେଇ ନାଚଗୀତ ମାଧ୍ୟମରେ ଉପସ୍ଥିତ ଲୋକଙ୍କୁ ସଚେତନତା କରାଯାଇଥିଲା। ନିଆଁର ପ୍ରକୋପରେ ଜଙ୍ଗଲ ଦିନକୁ ଦିନ ଅବକ୍ଷୟ ହେବାରେ ଲାଗିଛି । ନିଆଁର ଆଁରେ ମୂଲ୍ୟବାନ୍ ଗଛ ନଷ୍ଟହେବା ସହ ଅନେକ ଜୀବଜନ୍ତୁଙ୍କ ମୃତ୍ୟୁ ଘଟିବା ଯୋଗୁ ପରିବେଶ ଉପରେ ଏହାର ସିଧା ପ୍ରଭାବ ପଡୁଛି । ଫଳରେ ଜଙ୍ଗଲ ନଷ୍ଟହେବା ସହ ପରିବେଶ ମଧ୍ୟ ବିଗିଡ଼ିବାରେ ଲାଗିଛି। ତେଣୁ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ସମସ୍ତେ ଯତ୍ନବାନ୍ ହେବା ସହ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ଗୁଣପୁର ରେଞ୍ଜର ଗଙ୍ଗାଧର ମିଶ୍ର ପ୍ରକାଶ କରିଛନ୍ତି ।




କଳାକାରମାନେ ନାଚଗୀତ ମାଧ୍ୟମରେ ଲୋକଙ୍କୁ ସଚେତନ କରୁଛନ୍ତି।

# ଜିଲାରେ ୭ ହଜାର ସଦସ୍ୟତା, ୧୮ କ୍ୟାମ୍ପସ ଶାଖା କରିବାକୁ ନିଷ୍ପତ୍ତି

## ଏବିଭିପିର ଜିଲା ସମୀକ୍ଷା, ଯୋଜନା ବୈଠକ

ରାୟଗଡ଼ା, ୧୫।୩ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଗାୟତ୍ରୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର (ଏବିଭିପି) ଜିଲାସ୍ତରୀୟ ସମୀକ୍ଷା ଓ ଯୋଜନା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ା ନଗର ପ୍ରମୁଖ ଚିଦାନନ୍ଦ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକକୁ ରାଜ୍ୟ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ ଓ ଜିଲା ପ୍ରମୁଖ ଶେଷଶାୟୀ ସେନାପତି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଉକ୍ତ ବୈଠକରେ ଜିଲାର ବିଭିନ୍ନ ମହାବିଦ୍ୟାଳୟରେ ରହିଥିବା ସମସ୍ୟା ଓ ସେଗୁଡ଼ିକର ସମାଧାନ କିପରି କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ବିଦ୍ୟାର୍ଥୀ ପରିଷଦର ବାର୍ଷିକ ଯୋଜନା ଓ ଲକ୍ଷ୍ୟ ଧାର୍ଯ୍ୟ କରାଯିବା ସହ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଆୟାମ ମାଧ୍ୟମରେ ଯୋଡିବାକୁ ହେବ ବୋଲି ରାଜ୍ୟ ସମ୍ପାଦିକା ମତ ଦେଇଥିଲେ । ଚଳିତ ବର୍ଷ ରାୟଗଡ଼ା ଜିଲାରେ ୭୦୦୦ ସଦସ୍ୟତା ଏବଂ ୧୮ଟି ପୂର୍ଣ୍ଣ କ୍ୟାମ୍ପସ ଶାଖା କରିବା ପାଇଁ ସ୍ଥିରୀକୃତ ହୋଇଥିଲା ।



ବୈଠକରେ ଏବିଭିପି କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

ବିଗତ ସରକାରଙ୍କ ମନ୍ଦ ପ୍ରଚେଷ୍ଟା ଯୋଗୁ ବହୁବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ଥିଲା ଏବଂ ବର୍ତ୍ତମାନ ନୂତନ ସରକାର ଏହାକୁ ଗତ ବର୍ଷ ମଞ୍ଜୁରୀ ଦେଇଥିଲେ ସୁଦ୍ଧା କରାଇ ପାରି ନ ଥିଲେ । ଚଳିତ ବର୍ଷ କିନ୍ତୁ ନିଶ୍ଚିତ ଭାବେ ନିର୍ବାଚନ ହେବ ବୋଲି ଛାତ୍ରୀଛାତ୍ର ଆଶାୟୀ ଅଛନ୍ତି ଏବଂ ରାୟଗଡ଼ା ଜିଲାରେ ଏବିଭିପିର ବିଜୟକୁ ସୁନିଶ୍ଚିତ କରାଯାଇଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସହ ପ୍ରମୁଖ ଗଣେଶ୍ୱର ସେଠୀ, ପୂର୍ବ ପ୍ରାନ୍ତ ଟେକ୍ନିକାଲ ବିଦ୍ୟାର୍ଥୀ ପ୍ରମୁଖ ସନ୍ଦୀପ କୁମାର ଆଶ, ସୁମିତ ରତ୍ନାଲୁ, ରବୀନ୍ଦ୍ର ଖଡଗରାୟ, ଡି. ଶିରୀସା, ଶ୍ୟାମଳା, ଚାନ୍ଦିନୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ସଂକ୍ଷେପରେ

### ଏସ୍‌ବିଆଇ ଏଟିଏମ୍ ଅଚଳ, ଉପଭୋକ୍ତା ହଇରାଣ

କୋରୁକୋଣ୍ଡା,୧୫।୩(ଶିବଦତ୍ତ ସାହୁ )

ମାଲକାନଗିରି ଜିଲା ବାଲିମେଳା ସହରର କାଳିଛକ ନିକଟରେ ଥିବା ଏସ୍‌ବିଆଇ ଏଟିଏମ୍ ଗତ ୫ ଦିନ ହେଲା ଅଚଳ ହୋଇପଡ଼ିଛି। ଏହି ଏଟିଏମ୍ ଉପରେ ବାଲିମେଳା ସହରବାସୀ ଓ ଏହାର ଆଖପାଖ ଥିବା ନାକମାମୁଡି, ନିଲକାମ୍ବରୁ, କାମବେଡା, ଚିମିଟାପାଲ୍ଲୀ ଆଦି ପଞ୍ଚାୟତବାସୀ ନିର୍ଭର କରୁଥିବାବେଳେ ଏଟିଏମ୍ ବନ୍ଦ ଯୋଗୁ ବହୁ ଦୂର ଦୁରାନ୍ତରୁ ଆସୁଥିବା ଲୋକେ ଫେରିକି ଯାଉଥିବା ଦେଖିବାକୁ ମିଳିଛି।ଏ ନେଇ ଶାଖା ପରିଚାଳକ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନାହିଁ। ପ୍ରଶାସନ ଏହା ଉପରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ରାସ୍ତାରେ ଜଳିଗଲା ଇଲେକ୍ଟ୍ରି ସ୍କୁଟି, ବର୍ତ୍ତିଲେ ଚାଳକ

ଛତ୍ରପୁର,୧୫।୩(ଦିଲୀପ ସାମଲ)

ଚମାଖଣ୍ଡି ଛକଠାରୁ ବଣବୁଲାପଲ୍ଲୀ ଗ୍ରାମକୁ ଯିବା ରାସ୍ତାରେ ଏକ ଚଳନ୍ତା ଇଲେକ୍ଟ୍ରି ସ୍କୁଟିରେ କୌଣସି ପ୍ରକାରେ ନିଆଁ ଲାଗି ତାହା ସମ୍ପୂର୍ଣ୍ଣ ଜଳିଯାଇଛି। ସୌଭାଗ୍ୟବଶତଃ ଗାଡିରୁ ଓହ୍ଲାଇପଡି ଚାଳକ ବର୍ତ୍ତିଯାଇଛନ୍ତି। ଶନିବାର ବିଳମ୍ବିତ ରାତିରେ ବଣବୁଲାପଲ୍ଲୀ ଗ୍ରାମର ପି. ମଳୟ ରେଡ୍ଡୀ ଆଇଆରଇଏଲ କମ୍ପାନୀରୁ ଡ୍ୟୁଟି ସାରି ଇଲେକ୍ଟ୍ରି ସ୍କୁଟିରେ ଘରକୁ ଫେରୁଥିଲେ। ବାଟରେ ଗାଡିରେ ହଠାତ୍ ନିଆଁ ଲାଗି ଜଳି ଉଠିଥିଲା । ମଳୟ ଗାଡି ଛାଡି ଅଳ୍ପ ଦୁରକୁ ଚାଲିଆସି ଛତ୍ରପୁର ଦମକଳ କେନ୍ଦ୍ରକୁ ଫୋନରେ ଜଣାଇଥିଲେ । ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆ ଲିଭାଇଥିଲେ ମଧ୍ୟ ଗାଡିଟି ସମ୍ପୂର୍ଣ୍ଣ ପୋଡି ଯାଇଥିଲା । ଏନେଇ ମଳୟ ଚମାଖଣ୍ଡି ଥାନାରେ ଜଣାଇଛନ୍ତି ।

### ଅଟୋ ଦୁର୍ଘଟଣାଗ୍ରସ୍ତ, ଚାଳକ ଆହତ

ଭଞ୍ଜନଗର,୧୫।୩(ବାବୁଲା ପ୍ରଧାନ)

ଭଞ୍ଜନଗର ଥାନା ଅର୍ନ୍ତଗତ ବଡକୋଦଣ୍ଡା ଛକ ନିକଟରେ ରବିବାର ଭୋରରେ ଏକ ଡାଲା ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଚାଳକ ଗୋପାଳ କୃଷ୍ଣ ପାତ୍ର ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଆସିକା ନିକଟସ୍ଥ ମୁଣ୍ଡମରାଇ କେଶପୁରଶାସନ ଗ୍ରାମର ଗୋପାଳ ଅଟୋରେ ଗାଁ ଗାଁ ବୁଲି ଆଳୁ, ପିଆଜ, ରସୁଣ ବ୍ୟବସାୟ କରନ୍ତି। ଏଥିସହ ସେ ରୋଷେଇ କାର୍ଯ୍ୟ ମଧ୍ୟ କରନ୍ତି। ରବିବାର ସଂକ୍ରାନ୍ତି ଥିବାରୁ ଗୋପାଳ ରାତି ପ୍ରାୟ ସାଢେ ୩ଟାରେ ଜିନିଷସବୁ ଅଟୋରେ କୁଲାଡ ଆସୁଥିଲେ। ଭୋର ୫ଟାରେ ଆଖି ଲାଗିଯିବାରୁ ବଡକୋଦଣ୍ଡା ଛକ ନିକଟରେ ଘର ସମ୍ମୁଖରେ ଥିବା ବାବୁଲି ଗୌଡଙ୍କ କାରକୁ ପଛରେ ଅଟୋଟି ଧକ୍କା ହୋଇଥିଲା। ଏଥିରେ ଅଟୋ ଏବଂ କାର କ୍ଷତିଗ୍ରସ୍ତ ହୋଇଛି। ଭଞ୍ଜନଗର ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

# ପୋଲେରୁ ସେତୁ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

**ବିଭିନ୍ନ ଧାର୍ମିକସ୍ଥଳର ଭିତ୍ତିଭୂମି ବିକାଶ ଉପରେ ଜିଲାପାଳଙ୍କ ଗୁରୁତ୍ୱ**

ମାଲକାନଗିରି/କାଲିମେଳା, ୧୫।୩ (ସୁଚିତ୍ରା ଦାସ/ଜୀବନକୃଷ୍ଣ ଦାସ)



ଜିଲାପାଳ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ମାଲକାନଗିରି ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ରବିବାର କାଲିମେଳା ବ୍ଲକ୍‌ର ପୋଲେରୁ ସେତୁ ନିର୍ମାଣ କାର୍ଯ୍ୟର ଅଗ୍ରଗତି ବିଷୟରେ ଅନୁଧ୍ୟାନ କରିଛନ୍ତି। ଜିଲାପାଳ ନିର୍ମାଣାଧୀନ ସେତୁ ସ୍ଥଳ ପରିଦର୍ଶନ କରିବା ସହ କାମ କେତେଦୂର ଆଗେଇଛି ସେ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି। ଏହି ସମୟରେ ଜିଲାପାଳ ସ୍ଥାନୀୟ ବାସିନ୍ଦାଙ୍କ ସହ ସିଧାସଳଖ କଥା ହୋଇ କହିଥିଲେ, ଏହି ସେତୁ କେବଳ ଏକ ଯୋଗାଯୋଗର ମାଧ୍ୟମ ନୁହେଁ, ବରଂ ଅଞ୍ଚଳବାସୀଙ୍କ ଆବେଗ ଓ ସଂସ୍କୃତି ସହ ଜଡ଼ିତ। ବିଶେଷକରି ପ୍ରସିଦ୍ଧ ବଡ଼ଯାତ୍ରା ସମୟରେ ଏହି ରାସ୍ତାର ଗୁରୁତ୍ୱ ଅଧିକ ରହିଥିବା ସେ କହିଛନ୍ତି। ଲୋକଙ୍କ ସୁବିଧା ଓ ସଂସ୍କୃତିର ସୁରକ୍ଷା ଆମର ପ୍ରାଥମିକତା ହୋଇଥିବାରୁ ସେତୁ ନିର୍ମାଣ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ସ୍ଥାନୀୟ ଅଞ୍ଚଳକୁ ଆନ୍ଧ୍ରପ୍ରଦେଶ ସହ ସଂଯୋଗ କରିବା ପାଇଁ ପୋଲେରୁ ସେତୁ ଏକ ପ୍ରମୁଖ ରାସ୍ତା। ଏହାର ନିର୍ମାଣ କାର୍ଯ୍ୟ ଶେଷ ହେଲେ ହଜାର ହଜାର ଲୋକ ଉପକୃତ ହେବା ସହ ଯାତାୟାତରେ ବଡ଼ ପରିବର୍ତ୍ତନ ଆସିବ। ସେହିପରି ଜିଲାର ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ସମୃଦ୍ଧ କରିବା ପାଇଁ ବିଭିନ୍ନ ଧାର୍ମିକସ୍ଥଳର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି ଜିଲାପାଳ। ଏହି ପରିପ୍ରେକ୍ଷୀରେ ଜିଲାପାଳ ପୋଲେରୁର ପ୍ରସିଦ୍ଧ ମାଉଳି ମା’ ମନ୍ଦିର ଏବଂ ମାନ୍ୟମକୋଣ୍ଡା ମନ୍ଦିର ପରିଦର୍ଶନ କରିଛନ୍ତି । ମାନ୍ୟମକୋଣ୍ଡା ଅଞ୍ଚଳରେ ଥିବା ଏହି ପ୍ରସିଦ୍ଧ ପୀଠର ଉନ୍ନତିମୂଳକ କାର୍ଯ୍ୟକୁ ନେଇ ଆଲୋଚନା କରାଯାଇଛି। ଏହାସହ ଟାଗରକୋଟା ପାହାଡ଼ ଉପରେ ଥିବା ପ୍ରସିଦ୍ଧ ଶିବମନ୍ଦିରର ନିର୍ମାଣାଧୀନ ଭିତ୍ତିଭୂମି କାର୍ଯ୍ୟ ବୁଲି ଦେଖିଛନ୍ତି। ପ୍ରକାଶଥାଉକି, ଟାଗରକୋଟାରେ ଏକ ୩୦ ଫୁଟ ଉଚ୍ଚର ମହାଦେବଙ୍କ ପ୍ରତିମା ଏବଂ ମାଇକ୍ରୋ-ପର୍ଯ୍ୟଟନ ସୁବିଧା ଯଥା ପାନୀୟ ଜଳ, ଆଲୋକୀକରଣ ଓ ପର୍ଯ୍ୟଟକଙ୍କ ପାଇଁ ବ୍ୟବସ୍ଥାର ବିକାଶ ଚାଲିଛି। ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ପାଇଁ ଏହି ସ୍ଥାନଗୁଡ଼ିକୁ ଅଧିକ ଆକର୍ଷଣୀୟ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ। ଏହି ଗସ୍ତ ସମୟରେ କାଲିମେଳା ବ୍ଲକ୍ କନିଷ୍ଠ ଯନ୍ତ୍ରୀ, ସହାୟକ ଯନ୍ତ୍ରୀ, ବ୍ଲକ ମଙ୍ଗଳ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଆମ ପୋଲିସ ସମିତି ତରଫରୁ ଜନ ସମ୍ପର୍କ ଶିବିର

କୋରୁକୁଣ୍ଡା, ୧୫।୩ (ଶିବଦତ୍ତ ସାହୁ )

ମାଲକାନଗିରି ଜିଲା ଓର୍କେଲ ପୋଲିସ ପକ୍ଷରୁ ରବିବାର ଖଇରପୁଟ ବ୍ଲକ ଅନ୍ତର୍ଗତ ରାସବେଡା ଗ୍ରାମ ପଞ୍ଚାୟତର ଚଢେଇଗୁଡା ଗ୍ରାମରେ ‘ଆମ ପୋଲିସ ସମିତି’ ଜନ ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପ୍ରମିଳା ଗୁଟା, କୁଡୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଢ଼ି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ବଳି ମାଝୀ, ଲ୍ୟାମ୍ପସ ସଭାପତି ଗୋପୀ ପାଙ୍ଗି, ଏଏସ୍‌ଆଇ ସଂଜିତ କୁମାର ଟାକ୍ରି, ଗୁମ୍ମା ଫାଣ୍ଡି ଅଧିକାରୀ କୃଷ୍ଣଚନ୍ଦ୍ର ହିଆଲ ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଚଳବାସୀ କିପରି ସାଇବର ଠକେଇରୁ ବଞ୍ଚିତ ରହିବେ ଏବଂ ଯଦି ଏପରି ଘଟଣା ନଜରକୁ ଆସେ ତେବେ ସଙ୍ଗେ ସଙ୍ଗେ ଏ ସମ୍ପର୍କରେ ସ୍ଥାନୀୟ ପୋଲିକୁ ଅବଗତ କରାଇବାକୁ ବୁଝାଯାଇଥିଲା। ସେହିପରି ବାଲ୍ୟବିବାହ ପ୍ରଥାକୁ ସମ୍ପୂର୍ଣ୍ଣ ରୂପ ବନ୍ଦ କରିବାକୁ କୁହାଯାଇଥିଲା। ମଦ୍ୟପାନ କରି ଗାଡି ନ ଚଳାଇବା, ବାଇକ ଚଳାଇବା ବେଳେ ହେଲ୍‌ମେଟ୍ ପିନ୍ଧିବା ଏବଂ ଚାରିଚକିଆ ଯାନ ଚଳାଇବା ବେଳେ ସିଟବେଲ୍ଟ ବ୍ୟବହାର କରିବା ସହ ସରକାରଙ୍କ ପକ୍ଷରୁ ପ୍ରଣୟନ କରାଯାଇଥିବା ମୋଟର ଆଇନ ଓ ଦଣ୍ଡାବଳି ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଦୁର୍ଘଟଣାରେ ଯଦି କେହି ଆହତ ହୁଅନ୍ତି ତେବେ ଏ ନେଇ ଥାନାରେ ରିପୋର୍ଟ କରି ମାମଲା ରୁଜୁ କଲେ ସରକାରଙ୍କ ପକ୍ଷରୁ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ଚିକିତ୍ସା ନିମନ୍ତେ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ଯୋଗାଇ ଦେବା ପାଇଁ ବ୍ୟବସ୍ଥା ରହିଥିବା କୁହାଯାଇଥିଲା ଶିବିରରେ ଚଢେଇଗୁଡା ଗ୍ରାମବାସୀଙ୍କ ସହ ବନ୍ଧଗୁଡା, ରାସବେଡା କୁପୁଲିଗୁଡା, ବୁଟିଗୁଡା କଲୋନୀ, ଭଞ୍ଜାଗୁଡା, ନନ୍ଦିନୀଗୁଡା ଗ୍ରାମବାସୀ ଓ ଆଖପାଖ ବହୁ ଗ୍ରାମର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଅଞ୍ଚଳବାସୀ ଯୋଗ ଦେଇଥିଲେ।




ଶିବିରରେ ଉପସ୍ଥିତ ପୋଲିସ୍ ଅଧିକାରୀ।

# ୮୬୫ କେନ୍ଦ୍ରରେ ପରୀକ୍ଷାଦେଲେ କଏଦୀଙ୍କ ସହ ବହୁ ପରୀକ୍ଷାର୍ଥୀ



କେନ୍ଦ୍ରରେ ଯୁବତୀଯୁବକ ପରୀକ୍ଷା ଦେଉଛନ୍ତି।

**‘ଉଲ୍ଲାସ’ ସାକ୍ଷରତା ପରୀକ୍ଷା**

ମାଲକାନଗିରି,୧୫।୩(ସୁଚିତ୍ରା ଦାସ)

କେନ୍ଦ୍ର ସରକାରଙ୍କ ପ୍ରମୁଖ ଯୋଜନା ‘ଉଲ୍ଲାସ’-ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନ୍ତର୍ଗତ ମାଲକାନଗିରି ଜିଲାରେ ଫାଉଣ୍ଡେଶନାଲ ଲିଟେରାସି ଆଣ୍ଡ ନ୍ୟୁମେରେସି ଆସେସ୍‌ମେଣ୍ଟ ଟେଷ୍ଟ ରବିବାର ସମ୍ପନ୍ନ ହୋଇଛି। ଜିଲାର ପ୍ରାୟ ୮୬୫ଟି କେନ୍ଦ୍ରରେ ଜେଲ କଏଦୀଙ୍କ ସହ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୯୬୦୩ ଜଣ ପରୀକ୍ଷା ଦେଇଥିବା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ସୂଚନା ଦେଇଛନ୍ତି। ୧୫ବର୍ଷ ବୟସରୁ ଊର୍ଦ୍ଧ୍ୱ ଗୋଷ୍ଠୀର ନିରକ୍ଷରଙ୍କୁ ସାକ୍ଷର କରିବା ଏହି ପ୍ରୋଗ୍ରାମର ଲକ୍ଷ୍ୟ ବୋଲି ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ମାଲକାନଗିରି ଜିଲା ଜେଲରେ ଏକ ସ୍ପେଶାଲ ଏଫ୍‌ଏଲ୍‌ଏନ୍‌ଏଟି କେନ୍ଦ୍ର କରାଯାଇ ପ୍ରାୟ ୨୦୦ ଜଣ କାରାବାସୀ ପରୀକ୍ଷାରେ ସାମିଲ ହୋଇଥିବା ଜଣାପଡ଼ିଛି। ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର କର୍ମଚାରୀମାନେ ଏହି ପରୀକ୍ଷାକୁ ପରିଚାଳନା କରିଥିବା ସୂଚନା ମିଳିଛି।

# ସୃଜନ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର

ଛତ୍ରପୁର,୧୫।୩ (ଦିଲୀପ ସାମଲ)

ଛତ୍ରପୁର ସୃଜନ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟଠାରେ ଏକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। କବି ଡ. ପ୍ରଶାନ୍ତ ଶତପଥୀଙ୍କ ସଭାପତିତ୍ୱରେ ହୋଇଥିବା ଏହି ଆସରରେ ବହୁ କବି ଓ ସାହିତ୍ୟପ୍ରେମୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କବି ସୋମନାଥ ସାହୁ, ଚିତ୍ତରଞ୍ଜନ ପଣ୍ଡା, ସନ୍ତୋଷ ବାଡ଼ତ୍ୟା ,ଶୈଳବାଳା ପାଣିଗ୍ରାହୀ, ରୀତା ରଥ, ଅଶ୍ୱିନୀ ଚୌଧୁରୀ, ଟି. ରାମାନୁଜ ଦାସ,ଦୁର୍ଗା ଚରଣ ପଲେଇ, ଏ. ବିଶ୍ୱମ୍ଭର, ନରେନ୍ଦ୍ର ପଣ୍ଡା, ଉମାକାନ୍ତ ବେହେରା ଓ ଅନ୍ୟମାନେ କବିତା ପାଠ କରିଥିଲେ। ବିଜୟ ବିଶ୍ୱାଳ ଆସରରେ ସଂଯୋଜନା କରିଥିଲେ। ଅଶ୍ୱିନୀ ଚୌଧୁରୀ ଧନ୍ୟବାଦ ଦେଇଥିଲେ।

# ମା’ ଦଣ୍ଡକାଳୀ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ

ବୁଗୁଡ଼ା,୧୫।୩(କାଳୀଚରଣ ଦାଶ)

ବୁଗୁଡ଼ାରେ ଦଣ୍ଡକାଳୀଙ୍କ ଯାତ୍ରା ଉତ୍ସବ ପାଇଁ ମା’ମହାମାୟୀ ନାଟ୍ୟ ସଂଘ ତରଫରୁ ରବିବାର ମୀନ ସଂକ୍ରାନ୍ତି ଅବସରରେ ବଡ଼ଦାଣ୍ଡରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପ୍ରଥମେ ମା’କାଳୀ ମନ୍ଦିରରେ ଶୁଭଖୁଣ୍ଟି ପୂଜା ହେବାପରେ ସେଠାରୁ ମହାମାୟୀ ନାଟ୍ୟ ସଂଘର ସଭାପତି କେଦାରନାଥ ମହାରଣାଙ୍କ ତତ୍ତ୍ୱାବଧାନରେ ସଦସ୍ୟଗଣ ଶୁଭଖୁଣ୍ଟିକୁ ଧାରଣ କରି ଏକ ଶୋଭାଯାତ୍ରା କରି ସ୍ଥାନୀୟ ବଡ଼ଦାଣ୍ଡରେ ବିରାଜମାନ ଠାକୁର ଶ୍ରୀବଳଦେବ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ପୁଣି ପୂଜା କାର୍ଯ୍ୟ ସମ୍ପାଦନ କଲାପରେ ଠାକୁରଙ୍କ ଆଜ୍ଞାମାଳ ଅଣାଯାଇଥିଲା। ପରେ ମନ୍ଦିର ସମ୍ମୁଖ ବଡ଼ଦାଣ୍ଡରେ ପୂଜକ ରମେଶ ଚନ୍ଦ୍ର ପାଣିଙ୍କ ଦ୍ୱାରା ପୂଜାପାଠ କରାଯାଇ ଶୁଭଖୁଣ୍ଟିକୁ ସ୍ଥାପନ କରାଯାଇଛି।

# ବ୍ଲକସ୍ତରୀୟ ସାମାଜିକ ସଦ୍‌ଭାବନା ବୈଠକ

କୋରୁକୋଣ୍ଡା,୧୫।୩(ଶିବଦତ୍ତ ସାହୁ )

ମାଲକାନଗିରି ଜିଲା ବାଲିମେଳା ଜଗନ୍ନାଥ ମନ୍ଦିରର ପ୍ରାଙ୍ଗଣରେ ସମସ୍ତ ଜାତି ଜନଜାତିର ମୁଖିଆମାନଙ୍କୁ ନେଇ ରବିବାର ଏକ ସଦ୍‌ଭାବନା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନତ କୁମାର ବେହେରା, ବି ଅରୁଣ କୁମାର ପାତ୍ର, ଚିତ୍ତରଞ୍ଜନ ନାୟକ, ବିଜୟ କୁମାର ପ୍ରଧାନ, ମାଲ୍ୟାବନ୍ତଗିରି ସ୍ୱେଚ୍ଛାସେବୀ ସମିତିର କର୍ମକର୍ତ୍ତାଙ୍କ ସହଯୋଗରେ ଜିଲାରେ ୩୦ଟି ଜାତିର ପ୍ରମୁଖମାନଙ୍କୁ ଯୋଗାଯୋଗ କରାଯାଇଥିଲା। ତେବେ ବୈଠକରେ ୧୮ଜାତିର ପ୍ରମୁଖମାନେ ଯୋଗ ଦେଇଥିଲେ। ଅଖଣ୍ଡ ଭାରତ ତଥା ହିନ୍ଦୁ ସମାଜର ଏକତା, ପ୍ରଗତି ତାଙ୍କ ଜାତିର ଅବଦାନ ବିଷୟରେ ପରିପ୍ରକାଶ କରିଥିଲେ। ଆଗାମୀ ଦିନରେ ହେଉଥିବା ବିଧର୍ମୀଙ୍କ ଚକ୍ରାନ୍ତ ନ ପଡିବା ପାଇଁ ଆଲୋଚନା ହୋଇଥିଲା। ପିଢ଼ି ପିଢ଼ି ଧରି ଚାଲି ଆସୁଥିବା କୌଳିକ ବୃତ୍ତି, ସ୍ୱାବଲମ୍ବୀ, ମହିଳା ଶିକ୍ଷା, ସୁସଙ୍ଗଠିତ ପରିବାର ବ୍ୟବସ୍ଥା ପାଇଁ ଜିଲା ସଦଭାବନା ପ୍ରମୁଖ ଶଶୀ ଭୂଷଣ ମିଶ୍ର ବୁଝାଇଥିଲେ। ବିଶ୍ୱ କଲ୍ୟାଣ ପାଇଁ ନିବେଦନ ପରେ ସଭା ସାଙ୍ଗ ହୋଇଥିଲା।



ବୈଠକରେ ଉପସ୍ଥିତ ବିଭିନ୍ନ ଜାତିର ପ୍ରମୁଖମାନେ ।

# ୨୨ କେଜି ଗଞ୍ଜେଇ ଜବତ, ୨ ଗିରଫ

କାଲିମେଳା, ୧୫।୩(ଜୀବନ କୃଷ୍ଣ ଦାସ)

ବାଇକ୍ ଯୋଗେ ଆନ୍ଧ୍ରପ୍ରଦେଶକୁ ଗଞ୍ଜେଇ ଚାଲାଣ ହେଉଥିବାବେଳେ ମାଲକାନଗିରି ଜିଲା କାଲିମେଳା ପୋଲିସ ଦୁଇଜଣ ଅନ୍ତରାଜ୍ୟ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ୨୨ କେଜି ଗଞ୍ଜେଇ, ଗୋଟିଏ ମୋଟରସାଇକେଲ, ଦୁଇଟି ମୋବାଇଲ ଫୋନ ଜବତ କରିଛି । ଗିରଫ ୨ ଅଭିଯୁକ୍ତ ହେଲେ ଆନ୍ଧ୍ରପ୍ରଦେଶ ଅନାମାୟା ଜିଲାର କେ ଶିବ ପ୍ରସାଦ ଏବଂ ଏ. ଲକ୍ଷ୍ମୀପତି । ଦୁଇ ଯୁବକ ଏକ ମୋଟର ସାଇକେଲ ଯୋଗେ ଆସି କାଲିମେଳା ଅଞ୍ଚଳରୁ ଗଞ୍ଜେଇ ନେଇ ନିଜ ରାଜ୍ୟକୁ ଫେରୁଥିବା ସମୟରେ ମାଲକାନଗିରି ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥ ଏମ୍‌ଭି ୯୦ ଗୁବୁଲର ଢାବା ନିକଟରେ ପୋଲିସ ଯାଞ୍ଚ ସମୟରେ ଚିହ୍ନଟ ହୋଇଥିଲେ । ଏ ନେଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରଭୁଦତ୍ତ ବିଶାଳ ସୂଚନା ଦେଇଛନ୍ତି ।



ଜବତ ଗଞ୍ଜେଇ ସହ ଗିରଫ ୨ ଅଭିଯୁକ୍ତ।

# ପୋଖରୀରେ ବୁଡି ନାବାଳକ ମୃତ

ଧରାକୋଟ,୧୫।୩ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ମୁଣ୍ଡମରାଇ ପଞ୍ଚାୟତ ଖଇରପୁଟି ଗାଁ ପୋଖରୀରେ ବୁଡି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରତନ ନାହାକଙ୍କ ପୁଅ ପବିତ୍ର ନାହକ (୯)। ରବିବାର ଅପରାହ୍ନ ୫ଟାରେ ପବିତ୍ର ସାଙ୍ଗ ମାନଙ୍କ ସହିତ ପୋଖରୀରେ ଗାଧୋଉଥିବା ବେଳେ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ଖବର ପାଇ ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାର ତାଙ୍କୁ ଉଦ୍ଧାର କରି ଧରାକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଧରାକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଛେଦ ପାଇଁ ପଠାଇଛି ।

# ନିର୍ମାଣ ହେବାର ୩ ବର୍ଷ ବିତିଲା, ବ୍ୟବସାୟୀଙ୍କ କାମରେ ଆସୁନି ଭେଣ୍ଡିଂଜୋନ୍

**ମୁଖ୍ୟ ରାସ୍ତା ପାର୍ଶ୍ୱରେ ଚାଲିଛି ବ୍ୟବସାୟ**

କୋରୁକୋଣ୍ଡା,୧୫।୩(ଶିବଦତ୍ତ ସାହୁ )

ମାଲକାନଗିରି ଜିଲା ବାଲିମେଳା ସହରର କାଳିଛକ ଅଞ୍ଚଳ ମୁଖ୍ୟ ରାସ୍ତା ପାର୍ଶ୍ୱରେ ବସୁଥିବା ବ୍ୟବସାୟୀଙ୍କ ପାଇଁ ଏନ୍‌ଏସି ପକ୍ଷରୁ ସରକାରଙ୍କ ମୁକ୍ତା ଯୋଜନା ଅଧୀନରେ ସହରର କାଳିଛକଠାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ବିଜୁ ପଟ୍ଟନାୟକ ଭେଣ୍ଡିଂଜୋନ ନିର୍ମାଣ କରାଯାଇଛି। ଏହି ଭେଣ୍ଡିଂଜୋନ ନିର୍ମାଣ ହେବାର ଆଜକୁ ୩ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏହା ବ୍ୟବହାର ନ ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଯେଉଁ ଉଠା ବ୍ୟବସାୟୀଙ୍କ ଉଦ୍ଦେଶ୍ୟରେ ଏହି ଭେଣ୍ଡିଂ ଜୋନ ନିର୍ମାଣ କରାଯାଇଥିଲା ସେମାନେ ଏହି ଭେଣ୍ଡିଂଜୋନରେ ବସି ବ୍ୟବସାୟ କରିବାକୁ ରାଜି ହେଉ ନ ଥିବା ଜଣାପଡ଼ିଛି। ଫଳରେ ରାଜସ୍ୱ ବାବଦରେ ହଜାର ହଜାର ଟଙ୍କା ହାନି ହେଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ପ୍ରତିଦିନ ଉଠା ବ୍ୟବସାୟୀ ଓ ଚାଷୀମାନେ ମେଡିକାଲ ସମ୍ମୁଖଠାରୁ ଆରମ୍ଭ କରି ଆମ୍ବେଦକର ଛକ ଦେଇ କାଳିଛକର ମୁଖ୍ୟ ରାସ୍ତା କଡରେ ବସି ବ୍ୟବସାୟ କରୁଛନ୍ତି। ଫଳରେ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, ୨୦୨୩ ଏପ୍ରିଲ ୫ ତାରିଖରେ ବାଲିମେଳା ଏନ୍‌ଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ନେତୃତ୍ୱରେ ତତ୍କାଳୀନ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଏହି ଭେଣ୍ଡିଂଜୋନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତେବେ ଉଠା ବ୍ୟବସାୟୀଙ୍କ କହିବାନୁସାରେ ଏନ୍‌ଏସି କର୍ତ୍ତୃପକ୍ଷ ତୁରନ୍ତ କାଳିଛକ କିମ୍ବା ଆମ୍ବେଦକର ଛକ ନିକଟରେ ଏକ ନୂତନ ସ୍ଥାନ ଚିହ୍ନଟ କରି ସେଠାରେ ସହରକୁ ଆସୁଥିବା ସମସ୍ତ ଉଠା ବ୍ୟବସାୟୀଙ୍କ ନିମନ୍ତେ ଏକ ନୂତନ ମାର୍କେଟ କମ୍ପ୍ଲେକ୍ସ ଏବଂ ଭେଣ୍ଡିଂଜୋନ ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ଏନ୍‌ଏସି କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନ ଏହାର ସ୍ଥାୟୀ ସମାଧାନ ଦିଗରେ ତୁରନ୍ତ ପଦକ୍ଷପ ନେବାକୁ ଉଠା ବ୍ୟବସାୟୀଙ୍କ ସମେତ ସହରବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରାଙ୍କୁ ପଚାରିବାରୁ, ଉଠା ବ୍ୟବସାୟୀଙ୍କୁ ଏହି ଭେଣ୍ଡିଂଜୋନରେ ବସି ବ୍ୟବସାୟ କରିବା ପାଇଁ ବିଭାଗ ପକ୍ଷରୁ ବହୁବାର ଉଦ୍ୟମ କରାଯାଇଛି। ହେଲେ ସେମାନ ଏଠାରେ ବସି ବ୍ୟବସାୟ କରିବାକୁ ରାଜି ହେଉନାହାନ୍ତି। ଏହି ଭେଣ୍ଡିଂ ଜୋନକୁ କାର୍ଯ୍ୟକ୍ଷମ କରିବା ପାଇଁ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ। ନୂତନ ମାର୍କେଟ କମ୍ପ୍ଲେକ୍ସ ଏବଂ ଭେଣ୍ଡିଂ ଜୋନ ନିର୍ମାଣ ସକାଶେ ଜାଗା ଚିହ୍ନଟ ପାଇଁ ବିଭାଗ ପକ୍ଷରୁ ଉଚ୍ଚ କର୍ତ୍ତୃପକ୍ଷ ଏବଂ ପ୍ରଶାସନିକ ଅଧିକାରୀଙ୍କ ନିକଟକୁ ଚିଠି ପଠାଯାଇଛି ବୋଲି ନିର୍ବାହୀ ଅଧିକାରୀ ଦୋରା କହିଛନ୍ତି।



ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଭେଣ୍ଡିଂଜୋନ୍।

# ସୁସଜ୍ଜିତ ଆସ୍ଥାନରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ୪ ଦେବଦେବୀ

**ପଡ଼ିଆରେ ବଡ଼ଯାତ୍ରା ଆରମ୍ଭ**

ପଡିଆ,୧୫।୩(ଭାସ୍କର ରାଓ )

ମାଲକାନଗିରି ଜିଲା ପଡିଆରେ ରବିବାରଠାରୁ ୫ ଦିନ ଧରି ବଡ଼ଯାତ୍ରା ଆରମ୍ଭ ହୋଇଛି। ଏକ ବର୍ଷ ଅନ୍ତରରେ ପଡିଆ ସଦର ମହକୁମାରେ ବଡ଼ଠାକୁର ବିଜେ କରିଥାନ୍ତି, ତାଙ୍କ ନିକଟକୁ ଆସିଥାନ୍ତି ୨୪ ଗ୍ରାମର ଦେବାଦେବୀ । ଦୀର୍ଘ ଏକ ମାସ ଧରି ପୂଜକମାନେ ସମସ୍ତ ରୀତିନୀତି ପାଳନ କରି ନାଗିରି ପର୍ବତରୁ ବାଦ୍ୟ, ରୋଷଣୀରେ ଶୋଭାଯାତ୍ରା କରି ବଡ଼ଠାକୁର ଶ୍ରୀ କାନାମ ରାଜ, ବାଲ ରାଜ, ପୋତ ରାଜ ଓ ମା’ ମୁତ୍ୟାଲୁମ୍ମାଙ୍କୁ ଅଣାଯାଇ ପଡିଆ ସଦର ଦୁର୍ଗା ମଣ୍ଡପରେ ପ୍ରସ୍ତୁତ ସୁସଜ୍ଜିତ ଆସ୍ଥାନରେ ବିଜେ କରାଇଥିଲେ । ମା’ ସନ୍ତୋଷୀ ମନ୍ଦିର ସାବେରୀ ନଦୀରେ ୪ ଦେବାଦେବୀଙ୍କୁ ରିତିନୀତି ଅନୁସାରେ ସ୍ନାନଯାତ୍ରା କରାଯାଇଥିଲା । ସ୍ନାନଯାତ୍ରା ପରେ ଆସ୍ଥାନରେ ଦେବାଦେବୀଙ୍କୁ ପୂଜା କରାଯାଇଥିଲା । ସୋମବାର ୨୪ଗ୍ରାମର ଦେବାଦେବୀ ମଣ୍ଡପରେ ପହଞ୍ଚିବା ପରେ ଠାକୁରଙ୍କ ମିଳନ ହେବ। ଆସନ୍ତା ମଙ୍ଗଳବାର ମାନସିକଧାରୀମାନେ ମେଣ୍ଢା, ଛେଳି, କୁକୁଡ଼ା ବଳି ଦେବା ପରେ ଅପରାହ୍ନରେ ଅନ୍ନ ଭୋଗ ପାଇ ରାତ୍ର ୪ରେ ବଡ଼ ଠାକୁରଙ୍କ ସହ ମା’ ମୁତ୍ୟାଲୁମ୍ମା ଏବଂ ଆସିଥିବା ସମସ୍ତ ଦେବାଦେବୀ ନିଜ ସ୍ଥାନକୁ ଫେରିଯିବେ । ବୁଧବାର ମଣ୍ଡପ ଖାଲି ରହିବ, ସେହି ମଣ୍ଡପକୁ ନୂତନ ଭାବରେ ସଜ୍ଜିତ କରାଯିବ। ଆସନ୍ତା ଗୁରୁବାର ଅପରାହ୍ନରେ ସେହି ପର୍ବତରୁ ପୂଜାରୀମାନେ ପଞ୍ଚୁ ପାଣ୍ଡବଙ୍କୁ ପାରମ୍ପରିକ ରିତିନୀତି ଅନୁଯାୟୀ ଆଣିବା ପରେ ୨୪ଗ୍ରାମର ଦେବାଦେବୀ ପୁଣି ପଞ୍ଚୁ ପାଣ୍ଡବମାନଙ୍କୁ ଦର୍ଶନ କରିବାକୁ ମଣ୍ଡପରେ ବିଜେ କରିବେ । ଗୁରୁବାର ରାତି ସାରା ଭକ୍ତଙ୍କୁ ଦର୍ଶନ ଦେଇ ଶୁକ୍ରବାର ବିଭିନ୍ନ ଗ୍ରାମର ଦେବାଦେବୀଙ୍କ ସହ ପରମ୍ପରା ଅନୁଯାୟୀ କାଦୁଅ ଖେଳ ସାରି ଅନ୍ନଭୋଗ ପାଇ ଅପରାହ୍ନରେ ନିଜ ନିଜ ଆସ୍ଥାନକୁ ଫେରିଯିବେ ବୋଲି ମୁଖ୍ୟ ପୂଜକ ଗଣେଶ ପୂଜାରୀ କହିଛନ୍ତି।

ବଡ ଯାତ୍ରା ବହୁ ବର୍ଷରୁ ପାଳିତ ହୋଇଆସୁଛି ବୋଲି ୨୪ଗ୍ରାମର ମୁଖ୍ୟ ପୂଜକ ଗଣେଶ ପୂଜାରୀ କହିଛନ୍ତି। ପୂଜା କମିଟି ସଭାପତି ସତ୍ୟ ନାରାୟଣ ମାଝୀ, ସମ୍ପାଦକ ରାମଚନ୍ଦ୍ର ମାଝୀ, କୋଷାଧ୍ୟକ୍ଷ କୋଟାମ ବାବୁ ରାଓଙ୍କ ତତ୍ତ୍ୱାବଧାନରେ ବଡ଼ଯାତ୍ରା ଧୁମ୍‌ଧାମ୍‌ରେ ଚାଲିଥିବା ଦେଖିବାକୁ ମିଳିଛି । ମୀନାବଜାର ସାଙ୍ଗକୁ ବଜାର ଅଞ୍ଚଳକୁ ଆଲୋକ ତୋରଣରେ ସୁସଜ୍ଜିତ କରାଯାଇଛି। ରାତି ଯେତେ ବଢୁଛି ଭକ୍ତଙ୍କ ଗହଳି ଜମୁଛି । ଜିଲାର ବିଭିନ୍ନ ଅଞ୍ଚଳ ସହ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ଛତିଶଗଡରୁ ଭକ୍ତଙ୍କ ଗହଳି ଦେଖିବାକୁ ମିଳୁଛି । ଏହାକୁ ଦୃଷ୍ଟି ରଖି ଥାନା ଅଧିକାରୀ ସନ୍ତୋଷ କୁମାର ମାଝୀ ଭିଡ଼ ନିୟନ୍ତ୍ରଣ କରୁଥିବାବେଳେ ଅଗ୍ନିଶମ ବାହିନୀ ଅଧିକାରୀ ବୀରେନ୍ଦ୍ର ସିଂ ଏବଂ ସହଯୋଗୀମାନେ ସଜାଗ ଥିବା ଜଣାପଡ଼ିଛି।



ଆସ୍ଥାନରେ ବିଜାଜମାନ ଠାକୁର।

## ସଂକ୍ଷେପରେ

### ପୂର୍ବତନ ଛାତ୍ରୀଛାତ୍ର ସମ୍ମିଳନୀ

ଜୟପୁର, ୧୫।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ ବାମୁଣିପୁଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ପୂର୍ବତନ ଛାତ୍ରୀଛାତ୍ର ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା କଳ୍ପନା ସାହୁଙ୍କ ସଭାପତିତ୍ୱରେ ଡିଆଇଏସ୍ ଅଜୟ କୁମାର ମିଶ୍ର କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆଲୁମନାଇ ସଂଘ ସଭାପତି ଅରୁଣ କୁମାର ଷଡଙ୍ଗୀ, ସମ୍ପାଦକ ବନ୍ଧୁ ସୀସା ଓ ସଂଯୋଜକ(କନଭିନର୍) ରାଜୁ ପ୍ରଧାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାରେ ୨୦୦୦ରୁ ୨୦୨୦ ମଧ୍ୟରେ ଉତ୍ତୀର୍ଣ୍ଣ ହୋଇଥିବା ବିଭିନ୍ନ ବ୍ୟାଚ୍‌ର ପୂର୍ବତନ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପୁରୁଣା ସ୍ମୃତିଚାରଣ କରିବା ସହ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ନେଇ ଆଲୋଚନା କରିଥିଲେ। ବିଦ୍ୟାଳୟର ବିକାଶ ପ୍ରକ୍ରିୟାରେ ସହଭାଗୀ ହେବାକୁ ପୂର୍ବତନ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦିଆଯାଇଥିଲା। ଶିକ୍ଷୟିତ୍ରୀ ସାହୁ ବିଦ୍ୟାଳୟର ଶିକ୍ଷାଦାନ ଓ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଦ୍ୟାଳୟର ଶିକ୍ଷାୟତନିକ ପରିବେଶ ଓ ଭିତ୍ତିଭୂମିର ବିକାଶ ପାଇଁ ସଂଘ ପକ୍ଷରୁ ବିଭିନ୍ନ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ଆଲୁମନାଇ ସଂଘ ପକ୍ଷରୁ ସମସ୍ତ ଅତିଥି ଓ ପୂର୍ବତନ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଦିଆଯାଇଥିଲା।

### ସ୍ୱାମୀ କୁଶଳାନନ୍ଦଙ୍କ ପରଲୋକ

ସୁନାବେଡା/ସେମିଳିଗୁଡ଼ା, ୧୫।୩
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡ଼ା ନନ୍ଦପୁର ରୋଡସ୍ଥିତ କୁଶଳା ଆଶ୍ରମର ସ୍ୱାମୀ କୁଶଳା ନନ୍ଦ(୭୬)ଙ୍କ ରବିବାର ବିୟୋଗ ହୋଇଛି। କିଛିମାସ ହେବ ସେ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଚିକିତ୍ସିତ ହେଉଥିଲେ। ରବିବାର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତଦେହକୁ ହାଲ ହସ୍ପିଟାଲ ମାସଚରରେ



ରଖାଯାଇ ପୁଲବାଣୀସ୍ଥିତ ମୁଖ୍ୟ ଆଶ୍ରମର କେତେଜଣ ସଦସ୍ୟ ଓ ସମ୍ପର୍କୀୟଙ୍କୁ ଅପେକ୍ଷା କରାଯାଇଛି। ସୋମବାର ସେମିଳିଗୁଡ଼ାସ୍ଥିତ ଆଶ୍ରମ ପରିସରରେ ସମାଧି ଦିଆଯିବ ବୋଲି ଆଶ୍ରମ ପକ୍ଷରୁ ସୂଚନା ମିଳିଛି। ସ୍ୱାମୀ କୁଶଳା ଜଣେ ଅବସରପ୍ରାପ୍ତ ହାଲ କର୍ମଚାରୀ। ୧୯୯୧ଠାରୁ ଆଧ୍ୟାତ୍ମିକ ଦିଗରେ ସଂଶ୍ଳିଷ୍ଟ ରହି ଲୋକଙ୍କ ସେବାରେ ନିୟୋଜିତ ଥିଲେ।

### ବାଇକ୍‌କୁ ଧକ୍କାଦେଲା ହାଇୱା, ୨ ଗୁରୁତର

ବେଲଗୁଣ୍ଠା, ୧୫।୩(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ୍ ଗାଙ୍ଗପୁର ଥାନା ଅନ୍ତର୍ଗତ ରତନପୁର ନିକଟରେ ଲୋହରାଖଣ୍ଡି ନଦୀ ହିଡ଼ରେ ସଡ଼କ ଦୁର୍ଘଟଣାରେ ୨ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସୋମନାଥପଲ୍ଲୀର ପ୍ରତାପ ଦାସ ଓ ବଲାଡ଼ି ଗ୍ରାମର ଜଗନ୍ନାଥ ବେହେରା। ରବିବାର ପ୍ରତାପ ବଲାଡ଼ି ଗ୍ରାମରେ ରହୁଥିବା ସମ୍ପର୍କୀୟଙ୍କ ସହିତ ବାଇକ୍‌ରେ ଗାଁକୁ ଫେରୁଥିଲେ। ସେମାନେ ନଦୀହିଡ଼କୁ ଉଠିବା ସମୟରେ ପଛପଟୁ ଏକ ହାଇୱା ଆସି ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଜଗନ୍ନାଥ ଏବଂ ପ୍ରତାପ ଛିଟିକି ପଡ଼ି ଗୁରୁତର ହୋଇଥିଲେ।

# ଅସୁରକ୍ଷିତ ଅବସ୍ଥାରେ ପ୍ରଥମ ରେଡକ୍ରସ୍ ଆୟୁର୍ବେଦ ଚିକିତ୍ସାଳୟ

କୋରାପୁଟ, ୧୫।୩(ଅମିତାଭ ବେହେରା)

କୋରାପୁଟ ମ୍ୟୁନିସିପାଲିଟି ନିକଟରେ ଥିବା ରେଡକ୍ରସ୍ ଆୟୁର୍ବେଦ ଚିକିତ୍ସାଳୟ ଅସୁରକ୍ଷିତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ୧୯୬୮ରେ ଅବିଭକ୍ତ କୋରାପୁଟ ଜିଲାରେ ପ୍ରଥମ ରେଡକ୍ରସ ଆୟୁର୍ବେଦ ଚିକିତ୍ସାଳୟ ନିର୍ମାଣ ପରଠାରୁ ଠିକ୍‌ଠାକ୍ ଚାଲିଥିଲା। ଚିକିତ୍ସାଳୟରେ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିଲା। ଦୈନିକ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ରୋଗୀ ଆସୁଛନ୍ତି। ଏହି ପୁରୁଣା ରେଡକ୍ରସ୍ ଆୟୁର୍ବେଦ ଚିକିତ୍ସାଳୟରେ ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବୃଦ୍ଧିପାଉଛି। କୋରାପୁଟ ବାସିନ୍ଦା ଏଲୋପାଥି ମେଡିସିନ ବଦଳରେ ଆୟୁର୍ବେଦ ଔଷଧକୁ ଆପଣାଉଛନ୍ତି। ଚିକିତ୍ସାଳୟ ପାଖରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ରହିଛି। ଏଠାରେ ମଧ୍ୟ ରୋଗୀ ସଂଖ୍ୟା ବଢୁଛି। କିନ୍ତୁ ମେଡିକାଲ ପାଚେରି ଭାଙ୍ଗି ଯାଇଥିବାରୁ ଗୋରୁଗାଈ କ୍ୟାମ୍ପସ ଭିତରକୁ ଅବାଧରେ ପ୍ରବେଶ କରୁଛନ୍ତି। ସନ୍ଧ୍ୟା ହେଲେ ଏହା ଅସାମାଜିକଙ୍କ ଆଡ୍ଡା ଜମୁଛି। ଏଥିପାଇଁ ରୋଗୀ ଚିକିତ୍ସାଳୟ ଆସିବାକୁ ଭୟ କରୁଥିବା ଡାକ୍ତର ପ୍ରଶାନ୍ତ ପ୍ରଧାନ କହିଛନ୍ତି। ନିକଟରେ ଥିବା ହୋଟେଲଗୁଡ଼ିକ କ୍ୟାମ୍ପସ ଭିତରକୁ ଅଳିଆ ଆବର୍ଜନା ପକାଇ ଦେଉଥିବା




କୋରାପୁଟ ରେଡକ୍ରସ ଆର୍ୟୁବେଦ ଚିକିତ୍ସାଳୟ ।

### ସନ୍ଧ୍ୟା ହେଲେ ହେଉଛି ଅସାମାଜିକଙ୍କ ଆଡ୍ଡାସ୍ଥଳ

କୋରାପୁଟ ବାସିନ୍ଦା ଭବାନୀ ଶଙ୍କର ମିଶ୍ର ଓ ଆଇନଜୀବୀ ଅଜିତ ପାତ୍ର ପ୍ରକାଶ କରିଛନ୍ତି। ଏଥିଯୋଗୁ ପରିବେଶ ପ୍ରଦୂଷିତ ହେଉଛି। ମେଡିକାଲର ଗେଟ ନ ଥିବାରୁ ଲୋକେ ଚାରିଚକିଆ ଗାଡି ଏହା ଭିତରେ ପାର୍କିଂ କରି ଚାଲିଯାଉଥିବା ଦେଖିବାକୁ ମିଳିଛି। ଅବିଭକ୍ତ କୋରାପୁଟ ଜିଲାର ପ୍ରଥମ ରେଡକ୍ରସ ଆୟୁର୍ବେଦ ଚିକିତ୍ସାଳୟର ଚର୍ତୁପାର୍ଶ୍ୱକୁ ନେଇ କୋରାପୁଟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲାପାଳ ତପନ କୁମାର ନାୟକ କହିଛନ୍ତି।

# ଅଣ୍ଡା ଦର କମି ୫ ଟଙ୍କାରେ ବିକ୍ରି



ନନ୍ଦପୁର, ୧୫।୩ (ତୁଷାର କାନ୍ତ ମହାନ୍ତି)

ମଧ୍ୟପ୍ରାଚ୍ୟରେ ଯୁଦ୍ଧସ୍ଥିତି ଯୋଗୁ କୋରାପୁଟ ଜିଲା ନନ୍ଦପୁର ଅଞ୍ଚଳରେ ଅଣ୍ଡା ଦର କମିଥିବା ଦେଖିବାକୁ ମିଳିଛି। ଅଣ୍ଡାର ପାଇକାରି ଦର ଗୋଟା ୫ ଟଙ୍କା ଓ ଟ୍ରେ ୧୫୦ ଟଙ୍କା ହୋଇଛି। କୋରାପୁଟ ଜିଲା ସମେତ ନନ୍ଦପୁର ବ୍ଲକ ଅଞ୍ଚଳ ବଜାରରେ ଅଣ୍ଡା ପିଛା ୬ ଟଙ୍କା ଖୁଚୁରା ଦରରେ ବିକ୍ରି ହେଉଛି। ନନ୍ଦପୁର ଅଞ୍ଚଳର ବ୍ୟବସାୟୀ ଏନ୍. ବାବୁଲା ଦାସଙ୍କ ମତରେ ଖରା ଦିନ ଆରମ୍ଭ ପଡୋଶୀ ଆନ୍ଧ୍ରରେ ଅଣ୍ଡା ଉତ୍ପାଦନ ବୃଦ୍ଧିପାଉଛି। ଯୁଦ୍ଧ ଯୋଗୁ ଆନ୍ଧ୍ର ଅଞ୍ଚଳରୁ ବାହାର ଦେଶକୁ ଅଣ୍ଡା ରପ୍ତାନୀ ବନ୍ଦ ହୋଇଛି। ଏଥିଯୋଗୁ ଅଣ୍ଡା ଦର ଶସ୍ତା ହୋଇଛି। ଏହା ଆଗକୁ ଆହୁରି କମିପାରେ ବୋଲି ସୂଚନା ଦେଇଛନ୍ତି।

# ଜଙ୍ଗଲରେ ନିଆଁ ଲାଗି ଗଛ ନଷ୍ଟ



ଜଙ୍ଗଲରେ ଲାଗିଥିବା ନିଆଁ ।

ସୁନାବେଡା, ୧୫।୩(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡାସ୍ଥିତ ଶାନ୍ତି ନଗର ନିକଟ ଜଙ୍ଗଲରେ ରବିବାର ନିଆଁ ଲାଗି ଜଳୁଥିବା ଦେଖିବାକୁ ମିଳିଛି। ଖବର ପାଇ ସେମିଳିଗୁଡ଼ା ଅଗ୍ନିଶମ ବିଭାଗର ଏକ ୫ ଜଣିଆ ଟିମ ପହଞ୍ଚି ନିଆଁକୁ ଦୀର୍ଘ ସମୟରେ ପରେ ଆୟତ୍ତ କରିଥିଲେ। ଜଙ୍ଗଲର କୌଣସି ବଡ଼ଗଛ ନଷ୍ଟ ହୋଇ ନ ଥିବା ବେଳେ ଚେରମୂଳି ଔଷଧୀୟ ପ୍ରଜାତିର କିଛି ବୃକ୍ଷ ନଷ୍ଟ ହୋଇଛି। ସେଠାରେ ରହୁଥିବା ମୟୂର ଓ ଜଙ୍ଗଲି କୁକୁଡ଼ା ଅଣ୍ଡା ଆଦି ନଷ୍ଟ ହୋଇଥିବା ସ୍ଥାନୀୟ ଅଞ୍ଚଳର ଯୁବକ ଜିତେନ ପାଣିଗ୍ରାହୀ କହିଛନ୍ତି। ଏ ସମ୍ପର୍କରେ ସେମିଳିଗୁଡ଼ା ଅଗ୍ନିଶମ ବିଭାଗ ଫାୟାର ଫାଇଟର ବିଜୟ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ସେମିତି କିଛି ବଡ଼ ଧରଣର ଅଗ୍ନିକାଣ୍ଡ ହୋଇ ନ ଥିବା କହିଛନ୍ତି। ଏଥିସହ କୌଣସି ପ୍ରକାରର ଅଣ୍ଡା ଦେଖି ନ ଥିବା କହିଛନ୍ତି।

# ଧର୍ମାନ୍ତରୀକରଣ ରୋକିବାକୁ ଗୁରୁତ୍ୱ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଦଶମନ୍ତପୁର, ୧୫।୩(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍‌ସ୍ଥିତ ସାଇ କଲ୍ୟାଣୀ ମଣ୍ଡପରେ ହିନ୍ଦୁ ଧର୍ମାବଲମ୍ବୀଙ୍କ ପକ୍ଷରୁ ଏକ ସାମାଜିକ ସଦ୍‌ଭାବନା ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ଖଣ୍ଡ ପରିଚାଳକ ନୀଳକଣ୍ଠ ରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ବିଶ୍ୱବିଦ୍ୟାଳୟ ପ୍ରଫେସର ଭରତ ପଣ୍ଡା ଯୋଗଦେଇଥିଲେ। ବ୍ଲକର ପଞ୍ଚାୟତଗୁଡ଼ିକରୁ ପାଇକ, ଶୁଣ୍ଢି, କଂସାରୀ, କମାର କୁମ୍ଭାର କନ୍ଧ, ପରଜା, ଦଳିତ, ଗୌଡ଼ ଆଦି ବିଭିନ୍ନ ଜାତିର ସଦସ୍ୟ ଯୋଗଦେଇଥିଲେ।

### ସାମାଜିକ ସଦ୍‌ଭାବନା ବୈଠକ

ସମସ୍ତଙ୍କ ମଧ୍ୟରେ ସଦଭାବନା ଜାତ କରିବା, ଜାତି ଜାତି ଭିତରେ ରହୁଥିବା ସମସ୍ୟା ଓ ଏହାର ସମାଧାନ ନେଇ ଆଲୋଚନା ହୋଇଥିଲା। ଜଗନ୍ନାଥ ମନ୍ଦିର କମିଟି ସଭାପତି ନାରାୟଣ ବିଷୋୟୀ, ସୁରେଶ ସୁବୁଦ୍ଧି, ଦୁର୍ଯ୍ୟୋ ଲମତା, ବ୍ରଜ କଂସାରୀ, ଡମ୍ବୁନାଥ ଖରା ଓ ଭଗବାନ ମୁଦୁଲି ଉପସ୍ଥିତ ଥିଲେ। ନିଜ ଜାତି ମାଧ୍ୟମରେ ପ୍ରତି ଗାଁରେ ସଂଘ ଗଠନ କରି ବିଶ୍ୱ ହିନ୍ଦୁ ପରିଷଦରେ ସାମିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଧର୍ମାନ୍ତିକରଣକୁ ରୋକିବାକୁ ଗୁରୁତ୍ୱ ଦିଆଯାଇଥିଲା। ପ୍ରତି ଗ୍ରାମାଞ୍ଚଳରେ ବାଂଲାଦେଶୀମାନଙ୍କ ପ୍ରବେଶକୁ ବିରୋଧ କରିବାକୁ କୁହାଯାଇଥିଲା। ଆମ ସମାଜ ନୁହେଁ ମୋ ସମାଜ ବୋଲି ସମ୍ବୋଧନ କରିବାକୁ ଜଗନ୍ନାଥ ମନ୍ଦିର କମିଟି ସଭାପତି ବିଷୋୟୀ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ଲକ୍ଷ୍ମଣ ବିଷୋୟୀ ଓ ନୀଳକଣ୍ଠ ରାୟ ପରିଚାଳନା କରିଥିଲେ। ଆଗାମୀ ଦିନରେ ପଞ୍ଚାୟତ ସ୍ତରରେ ବୈଠକ କରାଯାଇ ସମାଜକୁ ସୁଦୃଢ଼ କରିବାକୁ କୁହାଯାଇଛି।

### କୁକୁର ଖାଇଲେ ଅଲିଭ ରିଡ୍‌ଲେ ମୃତଦେହ

ଛତ୍ରପୁର, ୧୫।୩(ଦିଲୀପ ସାମଲ)

ଗଞ୍ଜାମ ଜିଲା ହରିପୁର ସମୁଦ୍ର ବେଳାଭୂମିରେ ବିରଳ ପ୍ରଜାତିର ଅଲିଭ ରିଡ଼ଲେ(ସାମୁଦ୍ରିକ କଇଁଛ)ଙ୍କ ଏକାଧିକ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି। ରବିବାର ଭୋରରୁ ଏଭଳି ଅଲିଭ ରିଡ଼ଲେଙ୍କ ମୃତଦେହ ବେଳାଭୂମିରେ ପଡ଼ିଥିବା ଏବଂ ଏହାକୁ କୁକୁର ଟାଣି ଖାଉଥିବା ପରି ଦୃଶ୍ୟ ସ୍ଥାନୀୟ ଲୋକେ ଦେଖିବାକୁ ପାଇ ମର୍ମାହତ ହୋଇଛନ୍ତି। ବର୍ତ୍ତମାନ ଅଲିଭ ରିଡ଼ଲେଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ସେମାନଙ୍କ ଏଭଳି ମୃତ୍ୟୁକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଲିଭ ରିଡ଼ଲେଙ୍କ କିଭଳି ମୃତ୍ୟୁ ହୋଇଛି ତାହା ଅସ୍ପଷ୍ଟ ଥିବା ବେଳେ ବନ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗର ପାଟ୍ରୋଲିଂକୁ ନେଇ ପ୍ରଶ୍ନ ଉଠିଛି। ପ୍ରତିବର୍ଷ ଅଣ୍ଡାଦାନ ପାଇଁ ହଜାର ହଜାର କିଲୋମିଟର ଦୂରରୁ ଆସୁଥିବା ଏହି ବିରଳ ଅଲିଭ ରିଡଲେଙ୍କ ମୃତ୍ୟୁ ପରିବେଶବିତ୍‌ଙ୍କୁ ବ୍ୟଥିତ କରିଛି। ଅଲିଭ ରିଡଲେଙ୍କ ସୁରକ୍ଷା ବ୍ୟବସ୍ଥା କରୁଥିବା ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ଆଙ୍ଗୁଳି ଉଠିଛି । ସମୁଦ୍ର ମଧ୍ୟରେ ବେଆଇନ ଭାବେ ଚାଲୁଥିବା ମାଛଧରା ଟ୍ରଲର ଯୋଗୁ ଅଧିକାଂଶ ଅଲିଭ ରିଡଲେଙ୍କ ମୃତ୍ୟୁ ହେଉଥିବା ଅଭିଯୋଗ



ହେଉଛି। ଟ୍ରଲର ଜାଲରେ ଛନ୍ଦି ହୋଇ ଅବା ଗୁରୁତର ଆହତ ହୋଇ ସେମାନେ ପ୍ରାଣ ହରାଉଛନ୍ତି। ଅଲିଭ ରିଡଲେଙ୍କ ସୁରକ୍ଷା ପାଇଁ ସରକାରୀ ସ୍ତରରେ 'ନୋ ଫିସିଂ ଜୋନ' ଘୋଷଣା କରାଯାଇଥିଲେ ହେଁ ଏହାର କଡ଼ାକଡ଼ି ଅନୁପାଳନ ହେଉ ନଥିବାରୁ ଅଲିଭ ରିଡଲେଙ୍କ ସୁରକ୍ଷା ବିପନ୍ନ ହେଉଛି। ସୂଚନାଯୋଗ୍ୟ, ପ୍ରତିବର୍ଷ ନଭେମ୍ବର ୧ରୁ ମେ ୩୧ ତାରିଖ ପ୍ରଯ୍ୟନ୍ତ ଆର୍ଯ୍ୟପଲ୍ଲୀଠାରୁ ପ୍ରୟାଗି ପ୍ରଯ୍ୟନ୍ତ ନୋ ଫିସିଙ୍ଗ୍ ଜୋନ ରହିଛି।

# ଆର୍ଯ୍ୟ ସମାଜର ୨୨ତମ ପ୍ରତିଷ୍ଠା ଦିବସ



ଉତ୍ସବରେ ଆର୍ଯ୍ୟ ସମାଜର ସଦସ୍ୟମାନେ।

ନନ୍ଦପୁର/ପାଡୁଆ, ୧୫।୩
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଗୋଲୁର ପଞ୍ଚାୟତ ବାଇଲିଗୁଡ଼ାରେ ଆର୍ଯ୍ୟ ସମାଜର ଦୁଇଦିନିଆ ୨୨ତମ ବାର୍ଷିକ ଯଜ୍ଞ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ଶନିବାର ଯଜ୍ଞାହୁତି କରାଯାଇ ରବିବାର ଅଖଣ୍ଡ ଦୀପ ପ୍ରଜ୍ୱଳନ କରି ଯଜ୍ଞ ସମାପନ କରାଯାଇଛି। ଆଚାର୍ଯ୍ୟ ସଞ୍ଜୟ କୁମାର ଶାସ୍ତ୍ରୀଜୀ ମହାଯଜ୍ଞ ନୀତି ପାଳନ କରିଥିଲେ। ଉତ୍ସବରେ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇ କିଛି ପରିବାର ଦୀକ୍ଷିତ ହୋଇଥିଲେ। ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ବର୍ଣୀଜୀ, ଆଚାର୍ଯ୍ୟ ବିନୟ କୁମାର ବୈଦିକଜୀ, ଆଚାର୍ଯ୍ୟ ମନୁଦେବଜୀ, ଗୁରୁକୁଳ କୁଦୁଲି ଆଚାର୍ଯ୍ୟ ଅରୁଣଜୀ ଓ କବି ବିଚିତ୍ରାନନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପାଡୁଆ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ବ୍ଲକ୍‌ରେ ନାହିଁ ଶିଶୁ ଉଦ୍ୟାନ, ଖେଳପଡ଼ିଆ, ପଠାଗାର

ନନ୍ଦପୁର, ୧୫।୩ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକର ୨୩ ପଞ୍ଚାୟତବାସୀ, ଶିଶୁ, କିଶୋର, ମହିଳା, ଯୁବଗୋଷ୍ଠୀ ଓ ବୃଦ୍ଧାବୃଦ୍ଧଙ୍କ ପାଇଁ କୌଣସି ଚିତ୍ତ ବିନୋଦନର ସାଧନ ନ ଥିବା ଦେଖିବାକୁ ମିଳିଛି। ବ୍ଲକ୍ ବିଭିନ୍ନ ପର୍ଯ୍ୟଟନ ସ୍ଥଳ ଥିବା ବେଳେ ଦୈନିକ ପର୍ଯ୍ୟଟକ ଏହି ଅଞ୍ଚଳକୁ ଆଗମନ ହେଉଛି। ଲୋକଙ୍କ ଚିତ୍ତ ବିନୋଦନ ସାଧନ ନିର୍ମାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା କରୁଥିଲେ ସୁଦ୍ଧା ବ୍ଲକ୍ ସଦର ମହକୁମା ସମେତ ୨୩ ପଞ୍ଚାୟତରେ ଏଯାଏ ଗୋଟିଏ ମଧ୍ୟ ଶିଶୁ ଉଦ୍ୟାନ, ପାଠାଗାର, ଚିତ୍ତ ବିନୋଦନ କେନ୍ଦ୍ର ଓ ଖେଳପଡ଼ିଆ ନିର୍ମାଣ ହୋଇ ନ ଥିବା ଅଭିଯୋଗ ହୋଇଛି। ଶିଶୁ, କିଶୋରୀ ଓ ଯୁବ ଗୋଷ୍ଠୀଙ୍କ ମାନସିକ, ଶାରୀରିକ ଓ ବୌଦ୍ଧିକ

### ଶିଶୁ, ଯୁବଗୋଷ୍ଠୀଙ୍କ ମାନସିକ ଓ ଶାରୀରିକ ବିକାଶରେ ବାଧା

ବିକାଶରେ ବାଧକ ହେଉଛି। ଭିତ୍ତିଭୂମି ଅଭାବରୁ ଛୋଟ ଶିଶୁ ଓ ପିଲାମାନେ ସମୟ ଅତିବାହିତ କରିବାକୁ ସାଧନ ପାଉନାହାନ୍ତି। ଏଥିଯୋଗୁ ବାଧ୍ୟ ହୋଇ ବହୁଳ ପରିମାଣରେ ମୋବାଇଲ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ସ୍ମାର୍ଟଫୋନ ଯୋଗୁ ପିଲାଙ୍କ ଉପରେ କୁପ୍ରଭାବ ପଡୁଥିବା ଦେଖିବାକୁ ମିଳୁଛି। ସେମାନଙ୍କ ସ୍ୱାସ୍ଥ୍ୟ ସହ ମାନସିକ ଅଭିବୃଦ୍ଧିରେ ବାଧା ଆସୁଛି। ସମାନ ଅବସ୍ଥା ଯୁବଗୋଷ୍ଠୀଙ୍କ ମଧ୍ୟରେ ଦେଖିବାକୁ ମିଳେ। ବୃଦ୍ଧାବୃଦ୍ଧ ବରିଷ୍ଠ ନାଗରିକ ଚାଲିବା, ବୁଲିବା, ବସିବା ପଢ଼ିବା ଆଦି ସାଧାରଣ ସୁବିଧା ନ ପାଇ ଚାପଗ୍ରସ୍ତ ହୋଇରହୁଛନ୍ତି। ଅଞ୍ଚଳରେ ଶିଶୁଉଦ୍ୟାନ, ଖେଳପଡ଼ିଆ ଓ ପଠାଗାର ଆଦି ନିର୍ମାଣ ହେଲେ ଆବାଳ ବୃଦ୍ଧବନିତାଙ୍କ ମାନସିକ ଅଶାନ୍ତି କମିବା ସହ ସେମାନଙ୍କୁ ସୁସ୍ଥ ବାତାବରଣରେ ଜୀବନଯାପନ କରିବାକୁ ମାଧ୍ୟମ ମିଳିବ ବୋଲି ମତ ରହିଛି। ରାଜ୍ୟ, କେନ୍ଦ୍ର ସରକାର, ପଞ୍ଚାୟତ, ବ୍ଲକ, ମହିଳା ଓ ଶିଶୁ ବିକାଶ ବିଭାଗ, ଯୁବ ବ୍ୟାପାର, ସାମାଜିକ ସୁରକ୍ଷା ବିଭାଗ ବ୍ଲକ ଅଞ୍ଚଳରେ ଶିଶୁଉଦ୍ୟାନ, ଖେଳପଡିଆ, ପାଠାଗାର ଓ ଜିମ ଆଦି ଭିତ୍ତିଭୂମି ବିକାଶ କରିବା ନେଇ ଧ୍ୟାନ ଦେଉ ନ ଥିବା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର, ଜିଲା ଓ ବ୍ଲକ୍ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଅନୁରୋଧ କରିଛନ୍ତି।

# ଉଗାଦି ପାଳନ ନେଇ ପ୍ରସ୍ତୁତି

ଜୟପୁର, ୧୫।୩(ପବନ ପାଣିଗ୍ରାହୀ)

ଜୟପୁର ତେଲୁଗୁ ସାଂସ୍କୃତିକ ସମିତି ପକ୍ଷରୁ ଉଗାଦି ପାଳନ ନେଇ ସ୍ଥାନୀୟ ସିଟି ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ରବିବାର ନୃତ୍ୟ ଓ ରଙ୍ଗୋଲି ପ୍ରତିଯୋଗିତା କରାଯାଇଥିଲା। ସମିତିର ଅଧ୍ୟକ୍ଷ ବିରେଶ ପଟ୍ଟନାୟକ ଉପସ୍ଥିତ ଥିଲେ। ରଙ୍ଗୋଲିରେ ମୋଟ ୧୫ ଅଂଶଗ୍ରହଣକାରୀ ଯୋଗଦେଇଥିଲେ। ସିଟି ହାଇସ୍କୁଲ ସଭାପତି ଶଶି ପଟ୍ଟନାୟକ, ସଭ୍ୟ ଏ.ଶ୍ରୀନିବାସ ରାଓ, ପି.ଶ୍ରୀନିବାସ ରାଜୁ, କେ. ରାମକୃଷ୍ଣ, ବି.ସତିଶ ସୁଧାକର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉଗାଦି ଅବସରରେ ପ୍ରଥମ ହୋଇଥିବା କେ.ବସୁନ୍ଧରାଙ୍କୁ ୧ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ଅତିଥି ସୂଚନା ଦିଆଯାଇଛି। କୋରାପୁଟ ଜିଲାପାଳ ଉତ୍ସବରେ ମୁଖ୍ୟ ଅତିଥି ହେବେ ବୋଲି ସୂଚନା ମିଳିଛି।

# ୧୦୦୩ କେନ୍ଦ୍ରରେ ପରୀକ୍ଷା ଦେଲେ ୧୩୨୧୭ ପରୀକ୍ଷାର୍ଥୀ

କୋରାପୁଟ, ୧୫।୩(ଅମିତାଭ ବେହେରା)

କୋରାପୁଟ ଜିଲାର ୧୪ ବ୍ଲକରେ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନ୍ତର୍ଗତ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆକଳନ ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲାରେ ୧୦୦୩ କେନ୍ଦ୍ରରେ ୫୧୩୩ ପୁରୁଷ ଓ ୮୫୮୪ ମହିଳା ମିଶି ମୋଟ ୧୩୨୧୭ଜଣ ୧୫ ବର୍ଷରୁ ଊର୍ଦ୍ଧ୍ୱ ନିରକ୍ଷର ପରୀକ୍ଷା ଦେଇଥିବା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅର୍ପିତା ପ୍ରଧାନ ସୂଚନା ଦେଇଥିଲେ। ଜୟପୁର, କୋରାପୁଟ ଓ ବୈପାରିଗୁଡା ବ୍ଲକ ଅନ୍ତର୍ଗତ ବିଭିନ୍ନ କେନ୍ଦ୍ରକୁ ଜିଲା ଶିକ୍ଷାଧିକାରୀ କରୁଣାକର ଭୁଏ ପରିଦର୍ଶନ କରିଥିବା ଜଣାପଡିଛି। ସେହିପରି ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗନ୍ନାଥ ଭତ୍ରା ବିଭିନ୍ନ ବ୍ଲକର କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରିଥିଲେ। ନିଜ ବ୍ଲକର କେନ୍ଦ୍ରଗୁଡ଼ିକୁ ବିଇଓ, ଏବିଇଓ ଏବଂ ସିଆରସିସିମାନେ ପରିଦର୍ଶନ କରିଛନ୍ତି।



କେନ୍ଦ୍ରରେ ପରୀକ୍ଷାର୍ଥୀ ସାକ୍ଷରତା ପରୀକ୍ଷା ଦେଉଛନ୍ତି।

# କୋଟପାଡ଼ରେ ଘଟଯାତ୍ରା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କୋଟପାଡ଼, ୧୫।୩
(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳର ଦେବୀ ମା' ଶୀତଳା ଠାକୁରାଣୀଙ୍କ ଚଳିତବର୍ଷ ଘଟଯାତ୍ରା ୨୩ ତାରିଖରୁ ଆରମ୍ଭ ହେଉଥିବା ଆରମ୍ଭ ହେବାକୁ ଯାଉଛି। କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାରେ ସମାପନ ହେବା ନେଇ ପ୍ରଶାସନିକ ଅଧିକାରୀମାନେ ଓ ଯାତ୍ରା ପରିଚାଳନା କମିଟି ମିଳିତ ଭାବେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ମନ୍ଦିରଠାରୁ ଶହେ ମିଟର ଦୂର ମୁଖ୍ୟ ଗାନ୍ଧୀ ଛକ ନିକଟରେ ସ୍ଥାୟୀ ଭାବେ ମୁଖ୍ୟ ଦ୍ୱାର, ସୁଉଚ୍ଚ ତୋରଣ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ବାଉଁଶ ତିଆରି ତୋରଣମାନ ତିଆରି ଚାଲିଛି। ଘଟଯାତ୍ରା ପ୍ରତି ତିନି ବର୍ଷକୁ ଥରେ ହେଉଥିବା ବେଳେ ଆଖପାଖ ଅଞ୍ଚଳ ସହ ଛତିଶଗଡ଼, ଆନ୍ଧ୍ର ପ୍ରଦେଶରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ପ୍ରଶାସନ ପକ୍ଷରୁ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ କରିବା ନେଇ ବ୍ୟବସ୍ଥା କରାଯାଉଛି। ୩ ବର୍ଷ ହେବ ସହରର ବାଇ ପାସ ରାସ୍ତା ନିର୍ମାଣ କାର୍ଯ୍ୟ ଏନ୍‌ଏଚ୍ ବିଭାଗ ତୁଲାଉଥିଲେ ସୁଦ୍ଧା ଏହା ସମ୍ପୂର୍ଣ୍ଣ ହୋଇ ନ ଥିବା ଜଣାପଡିଛି। ଏହି ରାସ୍ତା ଦେଇ ଯାଉଥିବା କେତେକ ଚାଷୀଙ୍କ ଜମି ଅଧିଗ୍ରହଣ କରାଯାଇଛି। ଚାଷୀଙ୍କୁ କମ୍ପନସେଶନ ଟଙ୍କା ମିଳି ନ ଥିବାରୁ ରାସ୍ତା ଖୋଲାଯାଇ ନ ଥିବା ଜଣାପଡିଛି। ରାସ୍ତା ଅତିଶୀଘ୍ର ଖୋଲା କରିବାକୁ ଜନସାଧାରଣ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏହା ସତ୍ତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ପରିଷଦ ପକ୍ଷରୁ ରାସ୍ତାଘାଟ ମରାମତି ସହ ପାନୀୟ ଜଳ ଯୋଗାଣ, ପରିମଳକୁ ଅଧିକ ଗୁରୁତ୍ୱ ଦେବା ସହ କାର୍ଯ୍ୟ ଆରମ୍ଭ କରାଯାଇଛି। ଯାତ୍ରାରେ ମୀନାବଜାର ସହ ଆନ୍ଧ୍ର ପ୍ରଦେଶର ଲାଇଟ ସେଟ୍ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ ବୋଲି ସୂଚନା ଦିଆଯାଇଛି। ଏ ନେଇ ରାଜ୍ୟ ତଥା ବହାର ରାଜ୍ୟରୁ କଳାକାରମାନଙ୍କୁ ନିମନ୍ତ୍ରଣ ଦିଆଯାଇଛି।



ଘଟଯାତ୍ରା ପାଇଁ କରାଯାଇଥିବା ତୋରଣ ଦ୍ୱାର।

